RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ମାର୍ଚ୍ଚ ୨୦୧୮
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

PRACHEE







*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ତୃତୀୟ ବର୍ଷର ଦ୍ୱାଦଶ ତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ‘ପ୍ରାଚୀ’ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା’ର ସ୍ୱର୍ଗୀୟ ପ୍ରେମରେ । ତା’ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ ‘ପ୍ରାଚୀ’ ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା’ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । ‘ପାଗଳ’ ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ’ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା’, ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

**ପ୍ରାଚୀ**

Vol.-3, March 2018, Issue No. XII

RNI No. : ODIODI/2015/64435

P.R. No. : CK(C)/96/2016-2018



**ପ୍ରାଚୀ ପରିବାର :**

ଉପଦେଷ୍ଟା :

**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :

**ପ୍ରାଚୀ ପ୍ରଯୁକ୍ତା**

ସହ ସମ୍ପାଦକ :

**ଡ. ନିରୋଦ କୁମାର ମନ୍ତ୍ରୀ**

**ବନଲତା ସିଂହ**

ପରିଚାଳନା ସମ୍ପାଦିକା :

**ପ୍ରଜ୍ଞା ପରିମିତା**

ଉପସ୍ଥାପନା :

**ମମତା ଖଣ୍ଡାୟତରାୟ**

ଡିଟିପି :

**ମନୋଜ କୁମାର ଦାସ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :

**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :

**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :

**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :

**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :

**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**

ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**

ସଭାପତି :

**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

କାର୍ଯ୍ୟକାରୀ ସମ୍ପାଦିକା:

**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



Declaration

Edited, Published & Owned by :
Dr. Bibhudatta Khandayatray



Niladri Vihar, Cuttack - 4

E-mail :
pracheepatrika@rediffmail.com

Web Site :
www.pracheevoice.in


## ଏଇ ସଂଖ୍ୟାରେ...

### ପ୍ରବନ୍ଧ


❑ ଏକ ଅନୁଭୂତି

ମାନସ ରଞ୍ଜନ ପଟ୍ଟନାୟକ ୦୭


### ଗଳ୍ପ


❑ ଦାଦନ

ସୁବଳ ମହାପାତ୍ର ୧୦

❑ ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ସାସ୍ୱତୀ ସାମଲ ୧୬

❑ ଅଭାଗିନୀ

ଜ୍ୟୋତ୍ସ୍ନାମଞ୍ଜରୀ ତ୍ରିପାଠୀ ୧୮

❑ ଦୁଃଖ

ଲୀଳାବତୀ ମହାପାତ୍ର ୨୩

❑ ଦାନ ମାଝିର କାନ୍ଧରେ ବିକ୍ରମ ବେତାଳ

ନିଶିକାନ୍ତ ପାଢ଼ୀ ୨୫

❑ ତଥାପି ବଂଚିଛି

ଜ୍ୟୋତିପ୍ରକାଶ ପଲେଇ ୨୮

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଲେଖାଟିକୁ ଆକୃତିରେ ଟାଇପ୍ କରି ଦିଅନ୍ତୁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ........................................................................................................

ଠିକଣା .............................................................. ପିନ୍‌କୋର୍ଡ଼ .......................................

ମୋବାଇଲ୍ ନମ୍ବର ............................................... ଇ-ମେଲ୍ .............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର...................................... ତାରିଖ.............................................................

ବ୍ୟାଙ୍କ୍.............................................. ସ୍ଥାନ.............................................................

ତାରିଖ.............................................. ଦସ୍ତଖତ........................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ଏକ ଅନୁଭୂତି

*- ମାନସ ରଞ୍ଜନ ପଟ୍ଟନାୟକ*

୨୦୧୭ ମସିହା ରଥଯାତ୍ରା ପୂର୍ବ ଦିନ ନବ ଯୌବନ ଦର୍ଶନ ଥିବାରୁ ମୁଁ ଓ ମୋ ପତ୍ନୀ ଇଚ୍ଛା ବ୍ୟକ୍ତ କରିଥିଲୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଯିବୁ । ମୋ ପତ୍ନୀ ମୋତେ ସେ ଦିନ ସକାଳ ୯ଟାରେ ଢେଙ୍କାନାଳରେ ଥାଇ ମୋବାଇଲ ଫୋନରେ ବାର୍ତା ଦେଲା ମୁଁ ସନ୍ଧ୍ୟାସୁଧା ଘରେ ପହଂଚିବି । ଆମେ ନବଯୌବନ ଦର୍ଶନ କରିବା । ନିଜକୁ ଖୁସି ଲାଗିଲା । ସାରା ଜୀବଦଶା ମଧରେ ମୁଁ କେବେ ଏହି ଦୁର୍ଲଭ ଦର୍ଶନ କରିପାରି ନାହିଁ ତେଣୁ ମୋର ଆଗ୍ରହ ବଢ଼ିଗଲା । ମୋ ପତ୍ନୀ ବସରେ ଆସି ସାକ୍ଷୀଗୋପାଳରେ ଓହ୍ଲାଇ ଘରେ ପହଂଚି ନିତ୍ୟ କର୍ମ ସମାପନ ଅନ୍ତେ ପୋଷାକ ପରିଧାନ କରି ବାଇକ୍ ଦ୍ୱାରା ଯାତ୍ରା ଆରମ୍ଭ କଲୁ ଶ୍ରୀକ୍ଷେତ୍ର ଧାନପୁରି ଅଭିମୁଖେ । ବର୍ଷ ହେଉଥିବାରୁ ମୁଁ ରେନୀକୋର୍ଟ ପରିଧାନ କରିଥିଲି କିନ୍ତୁ ଲେଡିଜ୍ ରେନୀକୋର୍ଟ ନଥିବାରୁ ପତ୍ନୀ କହିଲେ ଅଧଘଂଟା ସମୟ ଲାଗିବ । ବର୍ଷା ହେବନି, ଛାଡ଼ିଯିବ । ଚାଲ ଶୀଘ୍ର ଯିବା କିନ୍ତୁ ସାକ୍ଷୀଗୋପାଳ ବସ ଷ୍ଟାଣ୍ଡ ଅତିକ୍ରମ ଅନ୍ତେ ଭାରିଜୋରେ ବର୍ଷା ପକାଇଥିଲା । ଆମେ ଦୁହେଁ ସମ୍ପୂର୍ଣ୍ଣ ବର୍ଷା ଜଳରେ ଭିଜି ସାରିଥିଲୁ । ପୁରୀ ପ୍ରଶାସନ ତରଫଂରୁ ନିର୍ଦ୍ଧିଷ୍ଟ ସମୟ ଦର୍ଶନ ନିମନ୍ତେ ଧାର୍ଯ୍ୟ ଥିବାରୁ ସେହି ବର୍ଷା ମାଡ଼ରେ କଷ୍ଟେ ମଷ୍ଟେ ବାଇକ୍ ଚଳାଇ ଆସ୍ତେ ଆସ୍ତେ ଯାଇଥିଲୁ ପୁରୀ ରାଜରାସ୍ତାରେ । ବଡ଼ଦାଣ୍ଡ ଶ୍ରୀମନ୍ଦିର ପୂର୍ବରୁ ମୋ ବାଇକ୍ କୁ ଏକ ଦୋକାନ ସାମ୍ନାରେ ଥୋଇ ଆମେ ଉଭୟ ଚାଲି ଚାଲି ଯାଇ ଆମ ଜିନିଷପତ୍ର ସିଂହଦ୍ୱାର ସମ୍ମୁଖ ଏକ ଚିହ୍ନା ଲୁଗା ଦୋକାନରେ ରଖି ପ୍ରବେଶ କଲୁ ସିଂହ ଦ୍ୱାର ମଧ ଦେଇ ବାଇଶ ପାହାଚରେ । ସେତେବେଳକୁ ବର୍ଷା ସମ୍ପୂର୍ଣ୍ଣ ଛାଡ଼ି ଯାଇଛି । ମୁଁ ରେନୀକୋର୍ଟ ନ କାଢ଼ି ପିନ୍ଧିଥାଏ, ମୋ ପତ୍ନୀର ପୋଷାକ ଓଦାରେ ପୁରା ଭିଜି ଯାଇଥାଏ । ସେ ସାମାନ୍ୟ ଥଣ୍ଡାରେ ଥରଥର ହେଉଥିଲା । ପଚାରିଲି ଶୀତ ହେଉଛି ତୁମକୁ । ସେ ଉତର ଦେଲେ ଗପ ନ କରି ଶୀଘ୍ର ଚାଲ, ପହଡ଼ ବନ୍ଦ ହୋଇପାରେ । ଦର୍ଶନ କରିବା ଜଗନ୍ନାଥଙ୍କ ନବଯୌବନ ବେଶ । ଆସ ମୋ ସହ କହି ମୋ ହାତ ଧରି ତରବର ହୋଇ ମତେ ନେଇ ଚାଲିଲେ । ଆମେ ଆନନ୍ଦ ବଜାର ସମ୍ମୁଖ ବଳୀବାମନ ମନ୍ଦିର କାନ୍ଥରେ ଆଉଜି ନୀଳଚକ୍ର କୁ ଚାହିଁ ପ୍ରଣିପାତ କରି ଶ୍ରୀମନ୍ଦିରରେ ପ୍ରବେଶ କଲୁ ଉଭୟ । ମନଟା ଫିଂକା ପଡ଼ିଗଲା, କାରଣ ଜଗନ୍ନାଥଙ୍କ ସାମ୍ନା କବାଟ ବନ୍ଦ ଥିଲା । ଦର୍ଶନ କରିବାର ସୁଯୋଗ ନାହିଁ । କେତେବେଳେ ପହଡ଼ ଖୋଲିବ, ତାଙ୍କୁ ଦର୍ଶନ କରିବୁ ଏହି କଥା ଭାବି ଜଣେ ପୋଲିସ୍ ବାବୁଙ୍କୁ ପଚାରିଲୁ ପଚାରିଲୁ କେତେବେଳେ କବାଟ ଖୋଲାହେବ ? ସେ କହିଲେ ନୀତି ଚାଲିଛି, ଆମେ ସେ ବିଷୟରେ ସଠିକ୍ ତଥ୍ୟ ଦେଇପାରିବୁନି । ତଥାପି ୯ଟାରେ ଖୋଲିପାରେ । ଘଂଟା ଦେଖିଲି ୮.୧୫ ମିନିଟ୍ ସମୟ ରାତ୍ର ହୋଇଥାଏ । ଜୀବନରେ କେବେ ଏହି ବେଶ ଦେଖିନି । କେବଳ ଶୁଣିଛି ଅନେକ ପୂଣ୍ୟଫଂଳ ପ୍ରାପ୍ତି ହୁଏ ନବ ଯୌବନ ବେଶ ଦର୍ଶନ କରେ ।

ଆମେ ସ୍ୱାମୀ, ସ୍ତ୍ରୀ ବାହାରି ଆସି ପାଟ ଅଗଣା ବେଢ଼ାରେ ବସିଥିଲୁ । ବର୍ଷା ସମ୍ପୂର୍ଣ୍ଣ ଛାଡ଼ି ଯାଇଥିଲେ ମଧ ବାଟସାରା ଭିଜିଯାଇ ଥିବାରୁ ଦେହଟା ଶିରି ଶିରି ଲାଗୁଥିଲା ଥଣ୍ଡାରେ । କିଛି ସମୟ ବେଢ଼ାରେ ବିଶ୍ରାମ ନେଲା ପରେ ପୁଣିଥରେ ଖବର ନେଲୁ ପହଡ଼ ଫିଂଟିଲାଣି କି ନାହିଁ । ପହଡ଼ ବନ୍ଦ ଥାଏ, ଭାବିଲୁ ବୋଧେ ଆଉ କାଳିଆ ସାଆନ୍ତକୁ ଦର୍ଶନ କରିହେବନି । କାରଣ ସେତେବେଳକୁ ରାତି ୯.୧୫ ହେଲାଣି । ହଉ, କ'ଣ କରିବା, ସାକ୍ଷୀଗୋପାଳ ଫେଂରିବା ଏହି ଚିନ୍ତାରେ ଥିବାବେଳେ ମୋ ପତ୍ନୀ କହିଲେ ମୋତେ ଭୀଷଣ କ୍ଷୁଦା ଲାଗୁଛି । ଜଗନ୍ନାଥଙ୍କୁ ଦର୍ଶନ କରି ପ୍ରସାଦ ଖାଇଥାନ୍ତେ ଭାବିଥିଲି । ମୁଁ ଉତର ରଖିଲି ଚାଲ ଏଠାରେ ଏପଟ ସେପଟ ହେବା ଅପେକ୍ଷା ଆନନ୍ଦ ବଜାର ଯାଇ ପ୍ରସାଦ ଖାଇବା । ଦୁଇଟି ପତ୍ରରେ ଅବଢ଼ା ବିକାଳୀ ଠାରୁ ଅନ୍ନ, ଡାଲି, ତରକାରୀ, ଖଟା, କ୍ଷୀରି ଆଣି ମନ ଆନନ୍ଦରେ ଖାଦ୍ୟ ଖାଇବା ଘରକୁ ଯାଇ ସେବନ କରି ମୁଣ୍ଡିଆ ମାରି ହାତ ଧୋଇ ଆସିଲୁ ଅବଢ଼ା ବାଲା ପାଖକୁ କ୍ରୟ ଅବଢ଼ାର

ଅର୍ଥରାଶି ଦେବାକୁ । ଆମେ ମନ୍ଦିର ପ୍ରବେଶ କାଳେ ସିଂହଦ୍ୱାର ସମ୍ମୁଖ ଦୋଳମଣ୍ଡପ ସାହିର ପ୍ରାରମ୍ଭରୁ ସେହି ଚିହ୍ନା ଲୁଗା ଦୋକାନରେ ମୋ ମୋବାଇଲ  ଫୋନ ଓ ପତ୍ନୀର ଭ୍ୟାନିଟ୍ ରଖି ଯାଇଥିଲୁ । ଦୋକାନ ପିଣ୍ଡାରେ ମଧ ଆମେ ଜୋତା ଥୋଇ ତାଙ୍କୁ କହି ଯାଇଥିଲୁ ଶ୍ରୀମନ୍ଦିର ଭିତରକୁ ସିଂହଦ୍ୱାର ଦେଇ । ଦୁର୍ଭାଗ୍ୟବଶତଃ ଆମେ ଓଦା ସୁଡୁବୁଡୁ ହୋଇ ବାଇକ୍‌ରେ ଆସିଥିବାରୁ, ମୋ ମନିପର୍ସ ଓଦା ହୋଇ ଟଙ୍କା ପଇସା ନଷ୍ଟ ହେବ ସେହି କାରଣରୁ ମୋର ପର୍ସକୁ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ଠାରେ ମୋ ପତ୍ନୀକୁ ଦେଇ କହିଥିଲି ଏହାକୁ ତୁମ ଭ୍ୟାନିଟ୍‌ରେ ରଖିଥାଅ । ସେହି ବ୍ୟାଗ୍‌ରେ ପର୍ସ ଥାଇ ଲୁଗା ଦୋକାନୀଙ୍କ ପାଖରେ ରଖି ଦେଇଥିଲୁ କିନ୍ତୁ ସେ ଦୋକନୀ ଭାଇ ଜାଣିନଥିଲେ ବ୍ୟାଗ୍ ଭିତରେ କ'ଣ ଅଛି । ମୁଁ ପ୍ରାୟତଃ ଶ୍ରୀମନ୍ଦିର ଦର୍ଶନ ପାଇଁ ଗଲାବେଳେ ମୋର ଆନୁସାଙ୍ଗିକ ଦ୍ରବ୍ୟ, ବ୍ୟାଗ୍, ଚଷମା, ମୋବାଇଲ, ଚପଲ ଇତ୍ୟାଦି ସେହିଠାରେ ଥୋଇ ଦେଇଯାଏ । ସେ ମଧ ମୋ ପରି ଅନ୍ୟ ଭକ୍ତ ଭକ୍ତାଙ୍କ ଜିନିଷ ବିନାମୂଲ୍ୟରେ ତାଙ୍କ ପାଖେ ରଖି ଜଗନ୍ନାଥପ୍ରେମୀ ମାନଙ୍କୁ ସାହାଯ୍ୟ କରନ୍ତି ପରୋକ୍ଷରେ । ଯାହା ବର୍ଣ୍ଣନା କଲେ ଚମତ୍କାର ହେବ । ମୁଁ ତାଙ୍କ ଦୋକନ ଓ ସେହି ଜଗନ୍ନାଥ ସେବକଙ୍କ ବିଷୟରେ ଅଧିକ ଆଲୋଚନା ନ କରି ଫେରୁଛି ଆନନ୍ଦ ବଜାର ଭିତରକୁ ।

ପକେଟରେ ହାତମାରିଲା ବେଳକୁ ପର୍ସ ନାହିଁ । ପତ୍ନୀଙ୍କୁ ପଚାରିଲି ତୁମ ପାଖେ କ'ଣ ଟଙ୍କା ଅଛି ? ସେ କହିଲେ ତୁମେ ତ ଦେଖିଲ ମୋ ଭ୍ୟାନିଟ୍ ମୁଁ ତୁମ ସାମ୍ନାରେ ସେ ଭାଇଙ୍କୁ ତାଙ୍କ ଦୋକାନରେ ବଢ଼ାଇ ଆସିଲି ତେଣୁ ମୋ ପାଖେ ଥିବା ଟଙ୍କା ଓ ମୋବାଇଲ ସେଥିରେ ରହିଛି । ଆରେ, ମୋ ପର୍ସ ଟା ବି ସେଥିରେ ରହିଗଲା ଯେ ? ପତ୍ନୀ ବିଚଳିତ ହେଲେ, କହିଲେ ମୁଁ ଏଇଠି ଏହି ଅବଢ଼ା ଦୋକାନ ପାଖେ ଛିଡ଼ା ହୋଇଛି । ତୁମେ ଯାଇ ମେ ବ୍ୟାଗ ଭିତରୁ ପର୍ସ ଆଣ । ଯେହେତୁ ସେଦିନ ନବଯୌବନ ବେଶ ଓ ମନ୍ଦିର ପ୍ରଚଣ୍ଡ ଗହଳ ଚହଳ ଥାଏ ତେଣୁ ସିଂହଦ୍ୱାର ଦେଇ ବାହାରିବା ପାଇଁ ଭକ୍ତଙ୍କୁ ମନା ଥାଏ ପ୍ରଶାସନ ତରଫରୁ । କେବଳ ପ୍ରବେଶ କରିବେ ସେହି ଦ୍ୱାର ପଟେ । ଭାବିଲି ଉତର ଦ୍ୱାର ଦେଇ ବାହାରିଯିବି ଓ ଟଙ୍କା ଘେନି ଆସି ପ୍ରସାଦ କିଣିଥିବାର ମୂଲ୍ୟ ଦେଇ ଦେବି । ସେହି ଅବଢ଼ା ଦୋକାନୀ ଭାଇନାଙ୍କୁ କହିଲି, ଆମେ ବାହାରେ ଟଙ୍କା ଛାଡ଼ି ଆସିଛୁ । ଭୁଲରେ ଖାଇଦେଲୁ ଆପଣଙ୍କ ଠାରୁ ଟଙ୍କା ପାଖରେ ନଥାଇ ତେଣୁ ଆମକୁ କ୍ଷମା କରିବେ । ମୋ ସ୍ତ୍ରୀ ଏଇଟି ଅଛି । ମୁଁ ସଙ୍ଗେ


# AK PHYSICS

Apprise Education, Reprise Innovation

+2 Sc. I CBSE (XI & XII)
JEE (Main & Adv.) I NEET I AIIMS
JIPMER I BHU I KVPY
NTSE I OLYMPIAD I NISER I IISER



SURYALOKA LANE, CHANDI CHHAK, CUTTACK
ARUN KUMAR SINGH (Lect. in Physics), MOB. : 98610 65130

ସଙ୍ଗେ ଯାଇ ଟଙ୍କା ଆଣୁଛି । ସେତେବେଳକୁ ସେହି ଅବଢ଼ା ଦୋକାନ ସମେତ ଅନ୍ୟାନ୍ୟ ଦୋକାନ ଗୁଡ଼ିକ ଆନନ୍ଦ ବଜାରରେ ସମ୍ପୂର୍ଣ୍ଣ ଲୋକାରଣ୍ୟ ଥାଏ ଓ ପ୍ରଚୁର ଗରାଖିମାନେ ଘେରି ଛିଡ଼ାହୋଇଥାନ୍ତି ଦୋକାନମାନଙ୍କୁ କାରଣ ଅବଢ଼ା ମହାପ୍ରସାଦ ରାତ୍ର ପ୍ରହରରେ କିଛି ସମୟ ପୂର୍ବରୁ ବାହାରି ଆସି ଆନନ୍ଦ ବଜାରରେ ବିକ୍ରୟ ହେଉଥାଏ ଭକ୍ତ ଭକ୍ତାଙ୍କ ନିମନ୍ତେ । ଭକ୍ତ ଅବଢ଼ା ଦୋକାନୀ ଉତର ଦେଲେ ଆପଣମାନେ ଯାହା କଥୋପକଥନ ହେଉଥିଲେ ମୁଁ ଜାଣି ପାରିଛି । ଯାଆନ୍ତୁ, ଆଉ କେବେ ଆସିଲେ ଏହି ବକେୟା ପାଉଣା ଯାଚିକରି ଆମ ଦୋକାନରେ ଦେଇଦେବେ । ବାହାରକୁ ଯିବା ଦରକାର ନାହିଁ ଆପଣଙ୍କର । ପହଡ଼ ଖୋଲିପାରେ ଅଳ୍ପ ସମୟ ପାଇଁ କହି ନିଜ କାର୍ଯ୍ୟରେ ବ୍ୟସ୍ତ ରହିଲେ ଗରାଖିମାନଙ୍କ ନିମନ୍ତେ । ଆନନ୍ଦବଜାର ଭିତରୁ ଆମେ ବାହାରକୁ ଅର୍ଥାତ୍ ବେଢ଼ାମଧକୁ ପ୍ରବେଶ କଲୁ, ସେତେବେଳକୁ ରାତି ୧୦.୪୦ ମିନିଟ୍ ପାଖାପାଖି ସମୟ । ପହଡ଼ ବନ୍ଦ ଅଛି କି ଖୋଲିଛି ବୁଝିଲୁ । ଅଜସ୍ର ଭକ୍ତ ଭକ୍ତା ଅପେକ୍ଷାରତ ଥାଆନ୍ତି କିନ୍ତୁ ପହଡ଼ ଖୋଲିନଥାଏ ଓ ଦର୍ଶନ ମଧ ବନ୍ଦ ଥାଏ । ଶୁଣିଲୁ ଜଗନ୍ନାଥଙ୍କ ନିତି ଚାଲିଛି ଓ ପରଦିନ ରଥଯାତ୍ରା ଥିବାରୁ ବୋଧ ହୁଏ ଆଉ ଦର୍ଶନ ମିଳିବନି । ଏହା ଶୁଣିବା ପରେ ଆମ ମନ ସମ୍ପୂର୍ଣ୍ଣ ମଉଳିଗଲା କାରଣ ଜୀବନରେ କେବେହେଲେ ଦୁର୍ଲଭ ନବଯୌବନ ବେଶ ଦର୍ଶନ ଲାଭ କରିନଥିଲୁ । ଶ୍ରୀକ୍ଷେତ୍ରଧାମ ପୁରୀ ଆସି ଶ୍ରୀମନ୍ଦିରରେ ଥାଇ କେବଳ ନୀଳଚକ୍ର ଙ୍କୁ ମୁଣ୍ଡିଆମାରି ଫେରିବା ସାର ହେବ ଭାବି ବାହାରକୁ ପ୍ରସ୍ଥାନ ନିମନ୍ତେ ଉଦ୍ୟକ୍ତ ହେଲାବେଳେ ମୋ ସ୍ତ୍ରୀଙ୍କର ଦୁଇଜଣ ବନ୍ଧୁ ଯେଉଁମାନେ ରାଉରକେଲାର ଅଧିବାସୀ ଅଟନ୍ତି ସେମାନେ ହଠାତ୍ ସାକ୍ଷାତ୍ ହେଲେ ଓ ମୋ ସ୍ତ୍ରୀ ସେମାନଙ୍କ ସହ ବାର୍ତାଳାପରେ ବ୍ୟସ୍ତ ଥିବାବେଳେ ମୁଁ ସାମାନ୍ୟ ଦୂରରେ ଠିଆ ହେଲି । ମୋ ପତ୍ନୀ ମୋତେ ଡାକି ସେମାନଙ୍କ ସହ ପରିଚୟ କରାଇଲେ । ମୋ ପତ୍ନୀ ରାଉରକେଲାରେ ସାତ ବର୍ଷ ଅବସ୍ଥାନ ସମୟରେ ସେମାନେ ମୋ ପତ୍ନୀଙ୍କ ଅଫିସରେ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ । ସେମାନେ ଆମକୁ କହିଲେ ଆମେ ଲଜିଂ ଫେରିଯାଉଛୁ କାରଣ ଶୁଣିବାକୁ ମିଳୁଛି ଜଗନ୍ନାଥଙ୍କୁ ଦର୍ଶନ ମିଳିବନି ଏବଂ ରାତି ମଧ ଏଗାରଟା ପାଖାପାଖି ହେଲାଣି । ସମସ୍ତେ ମିଶି ଆମେ ମାନେ ଆନନ୍ଦବଜାର ପଟ ଉତରଦ୍ୱାର ଆଡ଼କୁ ଯିବାକୁ ପ୍ରସ୍ତୁତ ଥିଲାବେଳେ ଦୁଇଜଣ ପୋଲିସ୍ ଆସ କହିଲେ ଜଲଦି ବ୍ୟାରିକେଡ୍ ମଧରେ ଠିଆ ହୋଇଯାଆନ୍ତୁ । ୧୦ ମିନିଟ୍ ପାଇଁ ପହଡ଼ ଖୋଲିବ ଓ ତା'ପରେ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ଦର୍ଶନର ଆଶା ସଂଚାର ହେଲା ଆମ ୪ ଜଣଙ୍କ ମଧରେ । ଧଡ଼ପଡ଼ ହୋଇ ଶହସ୍ରାଧିକ ଭକ୍ତ ଭକ୍ତାଙ୍କ ସହ ଆନନ୍ଦବଜାର ସମ୍ମୁଖ ବାରିକେଡ୍‌ରେ ପଶିଲୁ ଓ ଜନସମୁଦ୍ରରେ ଭାସିଲା ସଦୃଶ ଆଗେଇ ଚାଲିଲୁ ଶ୍ରୀମନ୍ଦିର ଭିତରକୁ । ମୋ ପତ୍ନୀର ଦୁଇବନ୍ଧୁ ଆମର ଆଗପଟେ ଓ ପଛପଟେ ଜଣ ଜଣ କରି ରହି ଆମ ଦମ୍ପତିଙ୍କୁ ସୁରକ୍ଷା ଦେଇ ଥିଲେ ଅଗଣିତ ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନି ମଧରେ । ଆନନ୍ଦ ଉଲ୍ଲାସରେ ଯାଇ ଗରୁଡ଼ସ୍ତମ୍ଭ ପଛପଟେ ପ୍ରଣାମ କରି ଦର୍ଶନ ଲାଭ କଲୁ ମହାପ୍ରଭୁଙ୍କର । ଆହାଃ କି ଚମତ୍କାର ଲାବଣ୍ୟ ନବ ଯୌବନ ବେଶ । ସମ୍ପୂର୍ଣ୍ଣ ଫୁଙ୍ଗୁଳା ଦେହରେ ଚତୁଃର୍ଦ୍ଧାମୂର୍ତୀ ବିରାଜିତ ରତ୍ନ ସିଂହାସନ ମଣ୍ଡପରେ । ଦକ୍ଷିଣପାର୍ଶ୍ୱ ଦେଇ ଯାଇ ସିଧା ସମ୍ମୁଖ ଭାବରେ ସ୍ୱଳ୍ପ ସମୟ ଛିଡ଼ା ହୋଇ ମନୋରମ ଦର୍ଶନ ଲାଭ କରିଥିଲୁ । ଆମେ ଚାରିଜଣଯାକ ମହାପ୍ରଭୁଙ୍କୁ ମନ ଭରି ଦର୍ଶନ କରି ଆନନ୍ଦିତ ହେଉଥିଲୁ । ପ୍ରେମାଶ୍ରୁ ଝରିମାରେ ଥିଲା ଅନେକ ଭକ୍ତ, ଭକ୍ତା ଓ ଶ୍ରଦ୍ଧାଳୁଙ୍କ ନୟନରୁ ।

ସେ ଭାବର ଠାକୁର, ସେ କରୁଣାର ଠାକୁର, ସେ ସର୍ବଧର୍ମର ଠାକୁର । ଲୋକେ ପୂର୍ଣ୍ଣ ଚକ୍ଷୁରେ ଦଣ୍ଡବତ କଲି ତାଙ୍କୁ । ବିଶେଷ କଷ୍ଟ ନଦେଇ ବିନାମୂଲ୍ୟରେ ତାଙ୍କ ଆନନ୍ଦ ବଜାରରେ ଆମ ସ୍ୱାମୀ, ସ୍ତ୍ରୀ ଦୁଇଜଣଙ୍କୁ ଭରପୁର ଅନ୍ନ ପ୍ରସାଦ ଖୁଆଇ ଡକାଇ ଦେଲେ ତାଙ୍କ ପବିତ୍ର ନବଯୌବନ ଦର୍ଶନ ପାଇଁ । ଆପଣଙ୍କର ପ୍ରଭୁ ଜୟ ହେଉ । ଜୟ ହେଉ । ପୋଲିସ୍ ବାବୁମାନେ ଆଗକୁ ଯିବା ପାଇଁ, ବାହାରିବା ପାଇଁ ଠେଲୁଥାନ୍ତି ଓ ସେବକ ମଣ୍ଡଳୀ ମହାପ୍ରଭୁଙ୍କ ଦ୍ୱାର ବନ୍ଦ କରିବାକୁ ଉଦ୍ୟକ୍ତ ହେଉଥାନ୍ତି କାରଣ ପ୍ରାୟତଃ ୧୦ ମିନିଟ୍ ସମୟ ଅପସରି ଯାଇଥିଲା ଓ ନିତି କାର୍ଯ୍ୟ ପାଇଁ ବୋଧ ହୁଏ ପହଡ଼ ବନ୍ଦ ହୋଇଗଲା ଆଗାମୀ ସକାଳରେ ରଥଯାତ୍ରା ପାଇଁ ।

*ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ*
*ସାକ୍ଷୀଗୋପାଳ, ପୁରୀ-୭୫୨୦୧୪*

# ଦାଦନ

- ସୁବଳ ମହାପାତ୍ର

ବାମ ହାତର ଚାରୋଟି ଆଙ୍ଗୁଠି ନଥିବା ବୁରୁ, ତା ଖଣ୍ଡିଆ ହାତରେ ଖବର କାଗଜ ଟିକୁ ଧରି ବସି ଥାଏ । ମୁହଁ ଥମ ଥମ, ଆଖି ଶୁଖିଲା, ନାକରୁ ଗରମ ନିଶ୍ୱାସ ବାହାରୁ ଥାଏ । ଭିତର କୋରି ହେଉ ଯାଉଥାଏ ତାର । ଗୋଡ଼ ହାତ ଛାଟି, କାନ୍ଦିବାକୁ ଇଛା ହେଉ ଥାଏ । ନୁଆଁଳିଆ ଚାଳ ଘର ର ବାରଣ୍ଡାରେ ବସିଥାଏ ସକାଳ ପ୍ରହରୁ । ଝିଅଟାର ମଲା ମୁହଁ ବି ସେ ଦେଖି ପାରିଲାନି । ଶ୍ରାଦ୍ଧ ଦେବ କ'ଣ । ସ୍ତ୍ରୀ ବିମଳା ଆସି ମୁଣ୍ଡକୁ ଆଉଁସି ଦେଲା । ସ୍ତ୍ରୀ ଆଖିରେ ଆଖିଏ ଲୁହ । ଛାତି ପିଟି ବାହୁନି ବାହୁନି କାନ୍ଦି ଥାନ୍ତା ଆଜି । କିନ୍ତୁ ଭାଗ୍ୟ ଦେଖ, ଝିଅ ପାଇଁ ଲୁଚି ଲୁଚି ଗଡ଼େଇବା ବ୍ୟତୀତ ଆଉ କିଛି କରି ପାରୁନଥିଲେ ସ୍ୱାମୀ ସ୍ତ୍ରୀ ଦି ଟା । ଧିକ ସେ ବାପା, ଧିକ ସେ ମା । ଯିଏ ଝିଅକୁ ଝିଅ କହିବା ଅବସ୍ଥାରେ ନଥିଲେ । ବୁରୁ ଧିକ୍କାରିଥିଲା ନିଜକୁ ନିଜେ । ବିମଳା, ଘର ଭିତରେ ମୁଣ୍ଡ ବାଡ଼େଇ କାନ୍ଦିଥିଲେ ବି ବାହାରେ ଥିଲା ଚୁପ୍ ଚାପ୍ । ପଡ଼ିସା ଘରକୁ, କିଛି ବି ଜାଣିବାକୁ ଦେଇ ନଥିଲା । ଗୋଟେ ଝିଅ ତ ଗଲା, ପୁଅଟାର କ'ଣ ହେଲା ? ତା' ବି ଜାଣିବାର କୌଣସି ଉପାୟ ନଥିଲା । ଦିହେଁ ଥିଲେ ନାଚାର । ଗାଁକୁ ଫେରିଲା ପରଠାରୁ ଘର ତାଙ୍କୁ ଖାଇ ଗୋଡ଼ାଉ ଥିଲା । ବୁରୁ ର ମା ସମ୍ଭୁଥିଲା ଏ ସ୍ୱାମୀ ସ୍ତ୍ରୀ କୁ । ଝିଅ ଗଲା ବୋଲି ଦୁଃଖ ନଥିଲା, କିନ୍ତୁ ପୁଅ କୁ ହଜେଇ ଦେଇ ଥିବାରୁ ସେ ବେଶୀ ଦୁଃଖି ଥିଲା । ବଡ଼ ପୁଅ ଝିଅ ଆଉ ଗାଁ ଲୋକଙ୍କ ପ୍ରଶ୍ନ ବାଣ ରେ ଅତିଷ୍ଠ ହୋଇ ପଡୁଥିଲେ ବି ଧୈର୍ଯ୍ୟର ସହ ସବୁ ର ଉତର ଦେଉଥିଲେ । ହେଲେ ବୁରୁ ଆଉ ବିମଳା ଯାହା ହରେଇ ଥିଲେ ତାହା ଆଉ ଫେରିବାର ନଥିଲା ।

ବୁରୁ ଫେରିଯାଉଥିଲା ଅତୀତକୁ । ଏଇ ଘରେ ଖେଳି ବୁଲି ବଡ଼ ହୋଇଥିଲେ ଦୁଇ ପୁଅ ଆଉ ଦୁଇ ଝିଅ । ଝିଅ ଆଉ ପୁଅ ଜନ୍ମ ହୋଇଥିଲେ ଗୋଟେ ପରେ ଗୋଟେ ଛାଡ଼ି । ଦି ସନ ମରୁଡ଼ି ପରେ ଅଂଟା ଭାଙ୍ଗି ଯାଇଥିଲା ବୁରୁ ର । ବୁରୁ, ବୁରୁନ୍ଦା, ବୃନ୍ଦାବନ ମହାରଣା । ବାପା ମା ନାଁ ଦେଇଥିଲେ ବୃନ୍ଦାବନ । ଗାଁ ରେ ଡାକିଲେ ବୁରୁନ୍ଦା, ସାଙ୍ଗ ମାନେ ଡାକିଲେ ବୁରୁ । ବୁରୁ ଆଜି ତା ଅସଲି ନାଁ ବି ଭୁଲି ଯାଇଥିଲା । ଇସ୍କୁଲ ରେ ଥିବା ଯାଏ ତା'ର ମନେ ଥିଲା ତା ନାଁ ବୃନ୍ଦାବନ । ଇସ୍କୁଲ ଛାଡ଼ିଲା ଦିନୁ ସେ ନାଁ ଟା ସେ ଭୁଲି ଯାଇଥିଲା । ଗାଁ ଇସ୍କୁଲରୁ ତୃତୀୟ ଫେଲ । ବା'ଆ ଯେତେ କହିଲେ ବି ଇସ୍କୁଲ ଗଲା ନାଇଁ । ବା'ଆ ଥିଲା ବେଳେ କେତେ ଖୁସି ରେ ଥିଲା ସେ । ଜମିବାଡ଼ି ବୋଇଲେ ଘର ଡିହ କୁ ଛାଡ଼ି ଦି ମାଣ ଗହିରି ବିଲ । ବର୍ଷା ନହେଲେ ବି ଚାଷ ଭଲ ହୁଏ, ସାଆନ୍ତଙ୍କ ଜମି ଚଷି ବର୍ଷକର ଖାଇବା ଆସି ଯାଏ ତାଙ୍କ ଘରକୁ । ଡୁଲୀ ଗୋଟେ ଥିଲା ବା'ଆ ଅମଳରୁ । ଦିନ ଥିଲା ତା ବା'ଆ ଡୁଲୀ ରେ ଡୁଲୀଏ ଧାନ ରଖୁଥିଲା । ନୂଆ ଚାଉଳ ବା'ଆ ଛୁଏଁ ନାହିଁ । ଦି ବର୍ଷ ତଳ ଚାଉଳ ର ଭାତ ଖାଇବ । ବିଲ ଦି ମାଣରୁ ଦି ଏକର କରିଥିଲା ସେ । ବା'ଆ ଗଲା ପରେ ଲକ୍ଷ୍ମୀ ଛାଡ଼ି ଗଲେ ତା ଘରୁ । ଦି ଏକର ରୁ ପୁଣି ଦି ମାଣ କୁ ଆସିଲା ତା ଜମି । ସାଆନ୍ତ ଙ୍କ ଜମି ଚଷୁଥିଲା ବୁରୁ । ହେଲେ ଦି ସନ ମରୁଡ଼ି ପରେ ଅଂଟା ଭାଙ୍ଗି ଗଲା ।

ଘରେ ସତ ପ୍ରାଣୀ କୁଟୁମ୍ବ । ଖାଇବାକୁ କିଛି ବି ନଥିଲା ସେଦିନ । ସେମାନେ ସିନା ନଖାଇ ପେଜ ତୋରାଣି ପିଇ ରହିଯିବେ, ଛୁଆ ଗୁଡ଼ା କ'ଣ କରିବେ ? ଭେଁ ଭାଁ ରଡ଼ି ଛାଡୁଥିଲେ । ମା', କ'ଣ ଖାଇବି ବୋଲି ପଚାରୁ ଥିଲେ । ଆଉ ସମ୍ଭାଳି ପାରିଲାନି । ବସିବାଠୁ ଉଠି ଚାଲିଗଲା ବିଜୁ ବାବୁ ପାଖକୁ । ହଁ, ସେ ଯିବ ଦାଦନ ଖଟି । ଏଠି ଉପାସ ଭୋକରେ ମରିଯିବା ଅପେକ୍ଷା ଦାଦନ ଖଟିବା ଭଲ । ଅଗ୍ରିମ ହଜାରେ ଟଙ୍କା ଆଣିଲା ବିଜୁ ବାବୁ ପାଖରୁ । ଘରେ ଚାଉଳ ଧରି ପହଁଚିଲା ବେଳକୁ, ବିମଳା ଆଉ ବୁରୁ ର ମା' ବୁଝି ଯାଇଥିଲେ । ତା' ମା ରଡ଼ି ପକେଇ ବାହୁନି ଥିଲା । ବିମଳା କୁ ଦାଦନ ଅପେକ୍ଷା ଛୁଆଙ୍କ ଭୋକ ବଡ଼ ଲାଗିଥିଲା । ହାତରୁ ଚାଉଳ କୁ ଝାମ୍ପି ନେଇ ସେ ଭାତ ବସେଇଲା । ଦି ଦିନ ପରେ ବିଜୁ ବାବୁ ଆସି ଆଉ ଦି ହଜାରେ ହାତରେ ଧରେଇ

ଦେଇ ଗଲା । କହି ଦେଇ ଗଲା ପୂର୍ଣ୍ଣିମା କୁ ଛ ଦିନ ଥବ ବାହାରିବା ଏଠୁ । ସଜ ହେଉଥିବୁ । ସେଦିନ ଭାରି ଚିନ୍ତାରେ ପଡ଼ି ଯାଇଥିଲା ବୁରୁ । ପଇସା ଆଣି ତ ଖାଇ ସାରିଛି, ଆଉ ଖସିବାକୁ ବାଟ ନାହିଁ । ଗାଁ ଛାଡ଼ି ଯିବାକୁ ଜମାରୁ ଇଛା ନଥିଲା ତା'ର । ଦିନ ସାରା କେମିତି କେମିତି ଲାଗୁଥିଲା ତାକୁ । ରାତିରେ ଶୋଇଲା ବେଳେ ବିମଳା ଆସି ବୁରୁ ର ଛାତିରେ ମୁଣ୍ଡ ରଖି ଗେହ୍ଲେଇ ହେଲା । କହିଲା ତମ ସହ ମୁଁ ବି ଯିବି । ସିଆଡ଼େ କେତେ ଡାହାଣୀ, ଚିରିଗୁଣୀ ବୁଲୁଛନ୍ତି । ତମକୁ ଯଦି କିଏ କିମିଆ କରେ ତେବେ ? ବୁରୁ ବାଁ ହାତରେ ଗୋଟେ ଧକ୍କା ମାରି କହିଲା, "ଶଳା ମାଇକିନା । ତମର ତ ଆଉ କିଛି ଚିନ୍ତା ନାହିଁ । ମୂଷାଛୁଆ ପରି ତ ପଲେ ଅଛ, କଣ ଖାଇବ ଚିନ୍ତା ନାହିଁ । ମୁଁ ସେଠି କାହାକୁ ମାଇପ କରିବି ସେଟା ଆଗେ ଚିନ୍ତା" । ବିମଳା ମୁହଁ ମୋଡ଼ି ଶୋଇ ପଡ଼ିଲା ।

ବିମଳା ବି ବୁରୁ ସହ ଯିବାକୁ ବାହାରିଲା । ହେଲେ ମା କୁ ଏଠି ରୋଷେଇ କରି ଖାଇବାକୁ ଦବ କିଏ ? ପିଲା ଛୁଆ ଏଠି ରହିବେ କେମିତି । ବଡ଼ ଝିଅ କୁ ୧୫ ଚାଲୁଛି । ତା ତଳେ ବଡ଼ ପୁଅ କୁ ୧୪ । ତା ତଳକୁ ଝିଅ, ୧୨ ଚାଲିବ ଆର ମାସକୁ । ତା ତଳଟା ପୁଅ ୮ ପୁରିଲା ଏବେ । କଥା ହେଲା ସାନ ପୁଅ ଝିଅ ଯିବେ ବୁରୁ ଆଉ ବିମଳା ସହ । ବଡ଼ ରହିବେ ଏଠି ମୋ ପାଖରେ । ଚାହୁଁ ଚାହୁଁ ଦିନ ଆସିଗଲା । ବିଜୁ ବାବୁ ଦେଇଥିବା କୋଡ଼ିଏ ହଜାର ରୁ ମାଆକୁ ଲୁଚେଇ କି ଦଶ ହଜାର ଦେଲା ବୁରୁ । କହିଲା ରଖିଥା । ଚଳୁଥିବୁ, ଆମେ ଗଲା ପରେ ମୁଁ ମାସକୁ ମାସ ପଇସା ପଠେଇବି । ଆଉ ଦଶ ହଜାରରେ ବାକି କରଜ ଶୁଝିଲା ସବୁ । ପୁଅକୁ ଆଉ ଝିଅକୁ କହି ଦେଇ ଗଲା, ବଡ଼ ହେଲଣି । ଚାଷ ବାସ ଦେଖ ଏବେ । ବର୍ଷ ଦିଟା ରେ ସବୁ ସୁଝିଯିବ । ମୁଁ ଆସିଲେ ପୁଣି ଚାଷ ବାସ କରିବା ।

ବୁରୁ, ବିମଳା, ଝିଅ ଚଣ୍ଡୀ ଆଉ ପପୁ ସକାଳୁ ସକାଳୁ ରେଡି ହୋଇ ବସିଥାନ୍ତି । ବିଜୁ ବାବୁ ଟ୍ରାକ୍ଟର ଧରି ପହଁଚିଲା । ସମସ୍ତେ ବସି ପଡ଼ିଲେ ଗାଡ଼ିରେ । ତା ପରି ଆହୁରି ୧୫ ଜଣ ଥାନ୍ତି ଆର ଗାଁରୁ । ସମସ୍ତେ ସମସ୍ତଙ୍କ ମୁହଁ ଚାହିଁ ଚୁହିଁ ହେଲେ । ହେଲେ ବେନିଜନେ ସମଦସା । କହିବେ କାହାକୁ, କରିବେ କ'ଣ । ଟ୍ରାକ୍ଟର ଚାଲିଲା । ଗାଁ ଛାଡ଼ି ସେମାନେ ପହଁଚିଲେ ଷ୍ଟେସନ୍‌ରେ । ଏଠୁ ଯିବେ ଆନ୍ଧ୍ର । ସେଠୁ ଇଟା ଫ୍ୟାକ୍ଟ୍ରି ।

ଇଟା ଫ୍ୟାକ୍ଟ୍ରି ରେ ପହଁଚିଲା ପରେ ସେମାନଙ୍କୁ କାମ ବଟେଇ ଦିଆଗଲା । ବିମଳାର କାମ ହେଲା ମାଟି ଚକଟିବା, ବୁରୁ ଇଟା ଗଢ଼ିବ, ଚଣ୍ଡୀ ଆଉ ପପୁ ର କାମ ହେଲା ଇଟା ସଜେଇବା । ସମସ୍ତେ ମନ ଧ୍ୟାନ ଦେଇ କାମରେ ଲାଗି ଗଲେ । ମାସ ପୁରିଲା, ହେଲେ ଦରମା କାହିଁ ? ଦି ମାସ ଗଲା । ଇଟାଭାଟି ମାଲିକ ଆସି ଖାଇବା ପାଇଁ ପଇସା ଦେଇ ଯାଏ । ହେଲେ ଦରମା ନାହିଁ । ମୁଲିଆ ମାନେ ପଚାରିବାରୁ କହିଲା, "ମୋ ପାଖେ ଜମା ଥାଉ, ଘରକୁ ଗଲା ବେଳେ ନେଇ କି ଯିବ" । ଏବେ ପାଖରେ ରଖିଲେ ଚୋରି ହେଇ ଯିବ । ବୁଝି ଗଲେ ସମସ୍ତେ । ପ୍ରଥମେ ପ୍ରଥମେ ଗାଁ କଥା ଭାରି ମନେ ପଡୁଥିଲା, ହେଲେ ମନକୁ ବୁଝେଇ ରହିଯାନ୍ତି ।

ଛଅ ମାସ ଗଲା । ବୁରୁ ର ଚିନ୍ତା ପଶିଲା । ଦଶ ହଜାର ଦେଇ କି ଆସିଥିଲା ମାକୁ । ତିନିପ୍ରାଣୀ ଅଛନ୍ତି ଗାଁରେ । ପଇସା ସରି ଜିବଣି । ଅଶିଣ ରୁ ଆସିଲେଣି ସେମାନେ, ଚଇତ ହେଲା ଆସିକି । ମାଲିକ ଆସିବାରୁ ତାକୁ ପଇସା ମାଗିଲା ବୁରୁ । ଗାଁ କୁ ପଠେଇବ । କଥା ଅନୁସାରେ ତା'ର ମାସକୁ ପନ୍ଦର ହଜାର, ବିମଳାର ଦଶ, ଚଣ୍ଡୀ ଆଉ ପପୁ ର ମିଶେଇ କି ଆଠ । ମାସକୁ ଏତେ ପଇସା ହେଲେ ଛ ମାସକୁ ବହୁତ ହେଇ ଜିବଣି । ସେ ହିସାବ ପାଉ ନଥିଲା, କିନ୍ତୁ ବହୁତ ତ ହବଣି । ଭାବିଲା ମାଲିକ ର ପଇସା ସୁଝି ଦେଇ ଗାଁକୁ ପଳେଇବ । ସେ ଏକା ଆସିବାର ଥିଲା ବୋଲି ସିନା ଦି ବରଷ ହିସାବ କରିଥିଲା । କିନ୍ତୁ ଆସିଲେ ତ ଚାରିଜଣ । ପଇସା ସବୁ ସୁଝି ଜିବଣି । ବାକି ଯାହା ବଳିଲା ନେଇ ଯିବ ଭାରି ଗାଁ କୁ । ଏଠି ପଇସା ସିନା ମିଳିବ ହେଲେ ଗାଁ ଯାହା ହେଲେ ଗାଁ । କେତେ ପୁନିଅଁ, ପରବ, ପିଠା ପଣା । ଏଠି ସେ ସବୁ କିଛି ନାହିଁ । ଓଡ଼ିଆ ଚାରି ଘର । ବାକି ସବୁ ବିହାରୀ, ନହେଲେ ତେଲେଙ୍ଗା । ସେମାନେ କଣ ଜାଣିବେ ଆମ ଗାଁ ର ପୁନିଅଁ ପରବ କୁ ? ଓଡ଼ିଆ ବି ଯେଉଁ ମାନେ ଅଛନ୍ତି ସବୁ ଅଲଗା ଜାଗାରୁ । ଗାଁ ପାଖି ଲୋକ ଯେଉଁମାନେ ଆସିଥିଲେ ସେମାନେ କୁଆଡ଼େ ଗଲେ ବୁରୁ ଜାଣିନି । ଏଠି ସବୁ ଅଲଗା ଅଲଗା । କେହି କାହା ସହ ମିଶି ପାରନ୍ତିନି । କଥା ହେଲେ ମାଲିକର ଗାରଡ଼ (ଗାର୍ଡ଼) କଳି ଲାଗେ । ଚାପୁଡ଼େ ବିଧେ ପକାଏ । ବୁରୁ କଥା ହେବା ପାଇଁ ମାଲିକ ପାଖକୁ ଗଲା । କାମ ଛାଡ଼ି ଦେଇ ଯିବ ବୋଲି ଶୁଣି ମାଲିକ

ରାଗିଗଲା । ପଇସା ତ ଦେଲାନି ଦେଲାନି, ହେଲେ ସେଇ ଦିନ ଠୁ ଏମାନଙ୍କ ଉପରେ ଅତ୍ୟାଚାର ଚାଲୁ ହୋଇଗଲା ମାଲିକ ଆଉ ଗାର୍ଡ଼ ମାନଙ୍କର । ବୁରୁ ଆଉ ତା ପରିବାର କୁ ଅଲଗା ଜାଗାକୁ ପଠେଇ ଦିଆଗଲା । ଜଙ୍ଗଲ ଭିତରେ ସେମାନେ ବାର ଟା ପରିବାର । ୟାକୁ ଛାଡ଼ି ବାକି ସବୁ ତେଲେଙ୍ଗା । କାହା କଥା ବୁଝିବାକୁ କି କାହାକୁ କିଛି କହିବାକୁ ନାହିଁ । ୟା ଭାଷା କେହି ବୁଝୁ ନଥାନ୍ତି । ଖାଇବା ସମସ୍ତଙ୍କର ଏକାଠି ରୋଷେଇ ହୁଏ । ବଗଡ଼ା ଭାତ କୁ ରସମ ଆଉ ଲେମ୍ବୁ ଆଚାର ରୁ ଖଣ୍ଡେ ଖଣ୍ଡେ । ନାଁ ରସମ, ହେଲେ ତୁଚ୍ଛା କଇଁଆଁ (ତେନ୍ତୁଳି) ପାଣି । ଭାଷା ତ ଯେମିତି ଅମୁଲ ଟିଣ ଡବା ଭିତରେ ମୁଁଚେ ଗୋଡ଼ି ପୁରେଇ କିଏ ହଲାଉଛି । କାଆଡୁ କାଆଡୁ । ପୁରୁଣା ଗାର୍ଡ଼ ହେଲେ ଟିକେ ଭଲ ଥିଲେ, ଏମାନେ ସବୁ ରାକ୍ଷସ ଗୁଡ଼ା । ଦିନ ଯାକ ଗଞ୍ଜେଇ ଟାଣି ବୁଲୁଥିବେ, ରାତି ତାଡ଼ି ନହେଲେ ମହୁଲି ।

ସେଦିନ ଥିଲା ବୁରୁ ର ପରିବାର ପାଇଁ କାଳ ରାତ୍ରି । ଯେଉଁଦିନ ଚାରିଟା ଗାର୍ଡ଼, ଗୋଟେ ତେର ବର୍ଷ ର ଝିଅ କୁ ଜଣ ଜଣ କରି ରାତି ଗଣ ଦୁଷ୍କର୍ମ କଲେ । ରାତିରେ ଚଣ୍ଡୀ ବାହାରକୁ ପରିସ୍ରା କରିବାକୁ ଯାଇଥିଲା । ଗାର୍ଡ଼ ମାନେ ସବୁ ମଦ ପିଇ ନିଶାରେ ଟୁଲ ଥାଆନ୍ତି । ବାଡ଼ି ପଟୁ ଝିଅ ଟାକୁ ଟେକି ନେଲେ, ସକାଳୁ ଆଣି ଘର ଭିତରେ ଫିଙ୍ଗି ଦେଇ ଗଲେ । ବିମଳା କାନ୍ଦି କାଟି ଅଥୟ । ବୁରୁ ଆଖିରୁ ଧାର ଧାର ଲୁହ ବୋହୁଥାଏ । ଝିଅଟା ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥାଏ । କାହାକୁ କିଛି କହିବାର ନଥିଲା ନା କିଛି କରିବାର ଥିଲା । କାନ ମୁଣ୍ଡ ଆଉଁସି ନିଜ ଭାଗ୍ୟ କୁ ନିନ୍ଦିବା ବ୍ୟତୀତ ଆଉ କିଛି ଚାରା ନଥିଲା । ସେମାନଙ୍କୁ ବାହାରକୁ କୁଆଡ଼େ ଯିବାକୁ ଦିଆ ଯାଉ ନଥିଲା । ବିମଳା ଝିଅ ଟାକୁ ଗାଧୋଇ ଦେଲା । ଖାଇବାକୁ ଗଣ୍ଡେ ଦେଇ ସପ ଉପରେ ଛିଡ଼ା ଲୁଗା ଖଣ୍ଡେ ପକେଇ ଶୁଆଇ ଦେଲା । ସନ୍ଧ୍ୟାରେ ଗୋଟେ ଗାର୍ଡ଼ ଆସି ଔଷଧ ମୁଁଚେ ଦେଇ ଠାର ରେ କହିଲା ଖାଇବାକୁ ଦେଇ ଦବୁ, ଭଲ ହେଇ ଯିବ । ବୁରୁ ଭାବି ପାରୁନଥିଲା ଆଗକୁ କ'ଣ ହବ । ମରି ଯାଇଥିଲେ ଭଲ ହେଇଥାନ୍ତା ଏ ସବୁ ଦେଖିବା ପୂର୍ବରୁ । ଛୁଆଟା ଉପରେ ଯେ ଏମାନେ ଏତେ ନିଷ୍ଠୁର ହୋଇ ପାରିବେ, କଳ୍ପନା ବାହାରେ ଥିଲା । କିଛି କରିବାର ଚାରା ନ ଥିଲା । କିଛି ଦିନ ପରେ ଚଣ୍ଡୀ ଥରେ ଆତ୍ମହତ୍ୟା କରିବାକୁ ପାଖରେ ଥିବା ରେଳ ଲାଇନ କୁ ଯାଇଥିଲା । ଗୋଟେ ଗାର୍ଡ଼ ଦେଖି, ତାକୁ ଟେକି ଟେକି ନେଇ ଆସିଲା ଆଉ ଧମକ ଦେଲା କି, ଆଉ ଥରେ କଲେ, ସେ ବୁରୁ, ବିମଳା ଆଉ ପପୁ କୁ ବି ମାରି ଦବ ।

ତେଲେଙ୍ଗା ଲୋକ ସବୁ ତାଙ୍କ ତାଙ୍କ ଭିତରେ କଥା ହେଲେ ବି, ସମସ୍ତଙ୍କ ଅବସ୍ଥା ଏକା ପ୍ରକାର ଥିଲା । ନାଁ ସେମାନେ ବାହାରକୁ ଯାଇ ପାରୁଥିଲେ, ନାଁ କାହା ସହ ମିଶି ପାରୁଥିଲେ । ପଇସା ମାଗିଲେ ପଡୁଥିଲା ଗୋଇଠା । ମିଣିପ, ମାଇପ, ଛୁଆ ପିଲା, ସେମାନେ କିଛି ବି ଦେଖୁ ନଥିଲେ । ରୁଲ ବାଡ଼ିରେ କଷି ଦେଇ ଯାଉଥିଲେ । ଆଖି, ନାକ, କାନ, ପିଠି, ଜାଗା ଅଜାଗା ଯେଉଁଠି ବାଜୁ । ଦିନ ଯାକର ପରିଶ୍ରମ ପରେ ମଜୁରୀ ମିଳୁଥିଲା ବିଧା ଗୋଇଠା ।

ଚଣ୍ଡୀ ସହ ଦୁଷ୍କର୍ମ ପରେ ସାହସ ବଢ଼ି ଯାଇଥିଲା ସେମାନଙ୍କର । ନିଇତି କାହାର ନାଁ କାହାର ଝିଅ କିମ୍ବା ସ୍ତ୍ରୀ କୁ ଉଠେଇ କି ନେଉଥିଲେ ସେମାନେ ଆଉ ସକାଳୁ ଆଣି ଘର ଆଗରେ ଫିଙ୍ଗି ଦେଇ ଯାଉଥିଲେ । ବୁରୁ କିନ୍ତୁ ସହି ପାରୁ ନଥିଲା । କେଉଁ ବାପା ସହିବ ଯେ । ମନ ଭିତରେ ଯେତେକ ରାଗ ସବୁ ସାଇତି ରଖୁଥିଲା, ଆଉ ଦିନେ ଏ ସବୁର ବଦଲା ନେବ ଏହା ବି ଠିକ କରି ସାରିଥିଲା । ପ୍ରଥମେ ପ୍ରଥମେ ସକାଳୁ ଯାହା ଘରୁ କାନ୍ଦ ଶୁଭେ, ସମସ୍ତେ ଜାଣନ୍ତି ଯେ ରାତିରେ ତାଙ୍କ ଘରୁ କାହାକୁ ନେଇ କି ଯାଇଥିଲା । ବିମଳା ପରି ଦରବୁଢ଼ୀ ବି ବାଦ ପଡ଼ିଲେ ନି ସେ ରାକ୍ଷସ ମାନଙ୍କ କବଳରୁ ।

ସେଦିନ ବିମଳା କୁ ଉଠେଇ ନେଲା ବେଳେ ସହି ପାରି ନଥିଲା ବୁରୁ । ଆଗରୁ ଲୁଚେଇ ରଖିଥିବା ଟାଙ୍ଗିଆଟା ଆଣି ଗାର୍ଡ଼ କୁ ଚୋଟେ ପକେଇଲା । କିନ୍ତୁ ସେ ଘୁଂଚି ଯିବାରୁ ଚୋଟ ବାଜିଲା ତା ବୁଟରେ । ଗଛ ହଣା ହାତର ଜୋର ଏତେ ଥିଲା ଯେ ତା ପାଦର ତିନିଟା ଆଙ୍ଗୁଠି ପାଦରୁ ଅଲଗା ହୋଇ ଯାଇଥିଲା । ପିଚ ପିଚ ରକ୍ତ ବାହାରି ବୁରୁ ର ଘର ସାରା ଲାଲ ହୋଇ ଯାଇଥିଲା । ପରେ ଅବଶ୍ୟ ବୁରୁ କୁ ହିସାବ ତୁଟେଇବାକୁ ପଡ଼ିଥିଲା । ସେମାନେ ଦଶ ବାର ଜଣ ଆସି ବୁରୁ କୁ ଉଠେଇ ନେଲେ ଆଉ ଅକଥନୀୟ ଯନ୍ତ୍ରଣା ସହି ସେ ଫେରିଥିଲା ୨ ଦିନ ପରେ । ସେତେ ବେଳକୁ ତା ବାମ ହାତର ଚାରୋଟି ଆଙ୍ଗୁଠି ତା ହାତରୁ ଅଲଗା ହୋଇ ସାରଥିଲା । ନିତି ନିତି ଏପରି ଘଟଣା ପରେ ଦିହସୁହା ହେଇ ଗଲା ସମସ୍ତଙ୍କର । ଆଉ କାନ୍ଦ ଶୁଭେନି କାହା ଘରୁ ।

ସବୁଦିନ ରାତିରେ ଝିଅ ଆଉ ସ୍ତ୍ରୀଲୋକ ମାନେ, ମନେ ମନେ ପ୍ରମାଦ ଗଣନ୍ତି । କେଉଁଦିନ କାହାକୁ ନେବେ ଜଣା ନାହିଁ । କିନ୍ତୁ କିଛି କରିବାର ନଥାଏ ।

ଦିନ ଆଉ ରାତିର ହିସାବ ନଥାଏ । କେତେ ମାସ ହେଲା ସେ ଆସିଲାଣି । ଏବେ କେଉଁ ମାସ ଚାଲିଛି । ଆଜିର ତାରିଖ କେତେ । କିଛି ଦରକାର ନଥାଏ କାହାର । ଜାଣି ବା ଲାଭ କ'ଣ ? ଆଗ କାଳେ, କୁଆଡ଼େ କ୍ରୀତଦାସ ଥିଲେ ବୋଲି ବୁରୁ ଶୁଣି ଥିଲା । ଏମାନେ ବି ଗୋଟେ ଗୋଟେ କ୍ରୀତଦାସ ପାଲଟି ଯାଇଥିଲେ । ଜିଅନ୍ତା ଭୂତ କହିଲେ ଠିକ ହେବ । ନାଁ ହସ ଥିଲା ମୁହଁରେ, ନାଁ କାନ୍ଦି ପାରୁଥିଲେ । ଆଖିରୁ ପାଣି ଶୁଖି ଯାଇଥିଲା । ଦେହରେ ରକ୍ତ ନଥିଲା । ପେଟକୁ ଗଣ୍ଡେ ଖାଉଥିଲେ ବୋଲି ଲାଗୁଥିଲା ସେମାନେ ମଣିଷ ।

ସେମାନଙ୍କ ଅତ୍ୟାଚାରର ସୀମା ନଥାଏ । କେବେ କେବେ ପୋଲିସ ମାନେ ବି ଆସନ୍ତି । ସେଦିନ ଚଣ୍ଡୀ ଆଉ ଚଣ୍ଡୀ ପରି ଛୋଟ ଝିଅ ମାନଙ୍କୁ ସେମାନେ ରାତି ରେ ନିଅନ୍ତି । ଏମାନଙ୍କୁ ଆଗୁଆ କହିଦେଇଥାନ୍ତି ଛଅ ଟା ଶୁଦ୍ଧା ରେଡ଼ି ହେବାକୁ । ଯେଉଁଠି ପୋଲିସ ମାନେ ବି ଏମାନଙ୍କ ସହ ହାତ ମିଶେଇଛନ୍ତି ସେଠି କାହାର ବା ପାଟି ଫିଟେଇବାକୁ ଯୁ ଅଛି । ଆସ୍ତେ ଆସ୍ତେ ଚଣ୍ଡୀ ସେମାନଙ୍କ ଭାଷା ଶିଖି ଯାଇଥିଲା । ବୁଝି ପାରୁଥିଲା ଆଉ କିଛି କିଛି କହି ପାରୁଥିଲା । ଚଣ୍ଡୀ ପୂର୍ବରୁ ସମସ୍ତଙ୍କୁ କହି ରଖି ଥାଏ, କାହାକୁ କିଛି ନଜଣେଇ, ଗାର୍ଡ଼ ମାନେ ମଦ ପିଇବାରେ ବ୍ୟସ୍ତ ଥିଲା ବେଳେ ଲୁଚି ଲୁଚି ପଳେଇ ଯିବା ପାଇଁ । ପ୍ରତି ବୁଧବାର ସନ୍ଧ୍ୟା ୭ :୩୦ ରେ ଗୋଟେ ଟ୍ରେନ୍ ଯାଏ, ସେ ଟ୍ରେନ୍‌କୁ ନାଲି କନା ଦେଖେଇଲେ ସେ ରହିଯିବ । ଜିନିଷ ପତ୍ର କିଛି ନ ନେଇ, ପିନ୍ଧା ଲୁଗା ଆଉ ପଇସା ପତ୍ର ନେଇ ଚାଲିଯିବ । ମୋ ପାଇଁ ଚିନ୍ତା କରିବନି । ମୁଁ ପରେ ଆସିବି ।

ସେଦିନ ବି ସେମାନେ ଆସିଥିଲେ ଚଣ୍ଡୀକୁ ନେବା ପାଇଁ । ବୁଧବାର ଥିଲା । ସନ୍ଧ୍ୟା ଛଅଟା ପୂର୍ବରୁ ଚଣ୍ଡୀ ବୁଲି ବୁଲି ସମସ୍ତଙ୍କୁ କହି ସାରିଥିଲା । ଗାର୍ଡ଼ ମାନେ ଯେମିତି ନ ଜାଣିବେ ସେଥି ପାଇଁ ସମସ୍ତେ ସତର୍କ ଥିଲେ । ନିଜ ନିଜ କାମ କରୁଥିଲେ ବି ଭିତରେ ଭିତରେ ସାହସ ସଂଚୟ କରିସାରିଥିଲେ ।  କିନ୍ତୁ ଆଉ ଗୋଟେ ଦୁର୍ଭାଗ୍ୟ ଅପେକ୍ଷା କରିଥିଲା ବୁରୁ କୁ । ସେମାନେ ଆସିଲାବେଳକୁ ପପୁ, ଚଣ୍ଡୀ ର ଡ୍ରେସ୍ ପିନ୍ଧି ଖେଳୁଥାଏ । ସେମାନେ ଚଣ୍ଡୀ ସହ ପପୁ କୁ ବି ନେଇ ଯିବାକୁ ବସିଲେ । ବୁରୁ ର ମୁଣ୍ଡ କିଛି କାମ କରୁ ନଥିଲା । ଚଣ୍ଡୀ ତାଙ୍କ ଗାଡ଼ିରେ ବସି ସାରିଥାଏ, ପପୁ କୁ ଛାଡ଼ି ଦେବାକୁ ନେହୁରା ହୋଇ କହୁଥାଏ । କିନ୍ତୁ ସେମାନେ ଛାଡ଼ିବାକୁ ନାରାଜ । ଚଣ୍ଡୀ କଣ ଭାବିଲା କେଜାଣି, ଗାଡ଼ିରୁ ଓହ୍ଲେଇ ଆସି ବିମଳା ହାତରୁ ପରିବା କଟା ଛୁରୀ ଟା ନେଇ ତା ଫେଟ ପକେଟ ରେ ଲୁଚେଇ ଦେଲା ଆଉ ଠାର ରେ କହି ଦେଇ ଗଲା ତମେ ଚାଲିଯିବ । ମୁଁ ପପୁ କୁ ନେଇ କି ଆସିବି । ସେମାନେ ଚଣ୍ଡୀ ସହ ପପୁ କୁ ବି ନେଇ ଗଲେ ।

ଗାର୍ଡ଼ ମାନେ ସବୁ ମଦ ପିଇବାରେ ମସଗୁଲ ଥିଲା ବେଳେ, ଲୁଚି ଲୁଚି ସମସ୍ତେ ଟ୍ରେନ୍ ଲାଇନ୍ ପାଖକୁ ପଳେଇ ଆସିଲେ । ସେପଟୁ ଟ୍ରେନ୍ ଆସୁଥାଏ । ତେଲେଙ୍ଗା ଲୋକ ଟେ ତା ନାଲି ସାର୍ଟକୁ ଦେଖେଇବାରୁ ଟ୍ରେନ୍ ରହିଲା । ସମସ୍ତେ ସେଥିରେ ବସି ପଳେଇ ଆସିଲେ । ହେଲେ ବୁରୁ ଆଉ ବିମଳା ତାଙ୍କ କଲିଜା ଦି ଟା କୁ ଛାଡ଼ି ଆସିଥିଲେ । ଆସିବାକୁ ଇଚ୍ଛା ନଥିଲେ ବି ଚଣ୍ଡୀ ର ତ୍ୟାଗ ଆଉ ଏ ନର୍କରୁ ସମସ୍ତଙ୍କୁ ରକ୍ଷା କରିବାର ପ୍ରତିଶ୍ରୁତି, ସେମାନଙ୍କୁ ଆସିବାକୁ ବାଧ କଲା । ଟ୍ରେନ୍ ଛାଡ଼ି ସାରିବା ପରେ, ତେଲେଙ୍ଗା ଲୋକ ମାନେ ଭଗବାନଙ୍କୁ ମୁଣ୍ଡିଆ ମାରିବା ପରି ବୁରୁ ଆଉ ବିମଳାର ପାଦ ତଳେ ପଡ଼ି ଗଲେ । ଚଣ୍ଡୀର ତ୍ୟାଗ ପାଇଁ ଆଖିରେ ଲୁହ ଆଉ ବୁକୁରେ କୋହ ଧରି ତାଙ୍କ ଭାଷାରେ କଣ କଣ ସବୁ କହି ଯାଉଥାନ୍ତି ଆଉ ବାରମ୍ବାର ବୁରୁ ଆଉ ବିମଳା ର ହାତ, ଓଠ, ଗୋଡ଼ ଧରି ମୁଣ୍ଡିଆ ମାରୁଥାନ୍ତି । ପୁଅ ଝିଅଙ୍କୁ ହରେଇ ଥିଲେ ବି ବୁରୁ ଆଉ ବିମଳାଙ୍କ ଛାତି ଫୁଲି ଉଠୁ ଥାଏ । ଭଗବାନଙ୍କୁ ଧନ୍ୟବାଦ ଦେଉଥାନ୍ତି ଆଉ ନିଜ ଝିଅ ବୋଲି ଗର୍ବ କରୁଥାନ୍ତି । ହାଇଦ୍ରାବାଦ ଷ୍ଟେସନ୍ ରେ ପହଂଚି ସମସ୍ତେ ଅଲଗା ଅଲଗା ନିଜ ନିଜ ଗାଁ କୁ ଯିବା ପାଇଁ ପ୍ରସ୍ତୁତ ହେଲେ । ତାଙ୍କ ଭାଷାରେ କଣ କଣ କହି କୁଣ୍ଢା କୁଣ୍ଢି ହୋଇ ବୁରୁ ଆଉ ବିମଳାଙ୍କ ପାଖରୁ ବିଦାୟ ନେଲେ । ସମସ୍ତେ ବୁଝି ପାରୁଥିଲେ ମୁକ୍ତିରେ କେତେ ଆନନ୍ଦ ଥାଏ । ଚଢ଼େଇ କୁ ପଞ୍ଜୁରୀ ରୁ ଛାଡ଼ି ଦେଲେ, ତାକୁ ଯେତିକି ଆନନ୍ଦ ଲାଗେ ଆଜି ତାଠୁ କାହିଁ କେତେ ଗୁଣ ରେ ଆନନ୍ଦ ଥିଲା ଏମାନଙ୍କ ମୁହଁରେ ।

ଏବେ ସମସ୍ତେ ଚାଲି ଗଲା ପରେ ବୁରୁ ଆଉ ବିମଳାଙ୍କ ମୁଣ୍ଡରେ ଚିନ୍ତା ପଶିଲା । ପୁଅ ଝିଅଙ୍କ ନ ନେଇ

ଗାଁକୁ ଯିବେ କେମିତି । କଣ କହିବେ ଗାଁ ରେ । କ'ଣ ଜବାବ ଦେବେ ମା କୁ ଆଉ ପୁଅ ଝିଅ ଦିଟାଙ୍କୁ । ନାଁ କହି ପାରିବେ ଝିଅ ଆଉ ବିମଳା ପ୍ରତି ଏ ଅତ୍ୟାଚାର, ନାଁ କହି ପାରିବେ ସେମାନଙ୍କ କଷ୍ଟ । ଗାଁରେ ଲୋକ ଯେମିତି କଥା କୁ ନଥା କରି ଛିଗୁଲେଇବେ, ଉଘେଇବେ । କଳି ତକରାଳ ହେଲେ ସାତ ପୁରୁଷ ର ଶ୍ରାଦ୍ଧ ଦେବେ । ଏତେ ସମୟ ଧରି ଚୁପ୍ ଥିବା ବୁରୁ କିନ୍ତୁ ଆଉ ସମ୍ଭାଳି ପାରି ନଥିଲା । କାନ୍ଦିଥିଲା ମୁଣ୍ଡପିଟି, ଗଲା ଫଟାଇ । ଏତେ କଷ୍ଟ ସହିବା ପରେ ବି କେବେ ତା ଆଖିରୁ ଲୁହ ବାହାରି ନଥିଲା । ରାଗରେ ସେ ସବୁ ଲୁହ ପିଇ ଯାଉଥିଲା । ରାଗ ଥିଲା ଚଣ୍ଡୀ ସହିଥିବା ଅତ୍ୟାଚାର ପାଇଁ, ରାଗ ଥିଲା ବିମଳାର ଇଜ୍ଜତ ପାଇଁ, ରାଗ ଥିଲା ତା ବାମ ହାତର ଚାରିଟା ଆଙ୍ଗୁଠି ପାଇଁ ଆଉ ରାଗ ଥିଲା ମଜୁରୀ ପାଇଁ । କିନ୍ତୁ ଏବେ ? ନାଁ ସେ ଆଉ କାହା ଉପରେ ରାଗ ଶୁଝେଇ ପାରିବ ନାଁ ଫେରିପାଇବ ଏ ସବୁ । ଯାହା ତ ଯାଇଥିଲା ଯାଇଥିଲା, ପୁଅ ଝିଅ ଦି ଟା ବଂଚିଥିଲେ ଯେ ଏବେ ସେମାନେ ବି ଗଲେ । ସେ ରାକ୍ଷସ ଗୁଡ଼ା ଆଉ କଣ ରଖିବେ ଚଣ୍ଡୀ ଆଉ ପପୁ କୁ ? ଯେତେ ବେଳେ ଜାଣିବେ ଯେ ସବୁ ପରିବାର ଲୁଚି କି ପଳେଇ ଯାଇଛନ୍ତି । ନିଶ୍ଚୟ ମାରିଦେବେ । ବାପା ଆଉ ମା'ର ଦେହ ସହୁ ନଥିଲା । କିନ୍ତୁ ଆଉ କିଛି ବି ଚାରା ନଥିଲା କାହା ପାଖରେ ।

ବହୁତ ସମୟ ପରେ ଦିହେଁ ନିଶ୍ଚୟ କଲେ ଯେ ଗାଁ ରେ କହିବେ, ଝିଅ ଆଉ ପୁଅ ଦୁହେଁ ଟ୍ରେନ୍‌ରେ ଗଲା ବେଳେ ହଜି ଯାଇଛନ୍ତି । ବହୁତ ଖୋଜିଲେ ବି ମିଳିଲେନି । ସେମାନେ ଆଉ ବଂଚିବାର ଆଶା ନଥିଲେ ବି କେଉଁ ବାପା, ମା ଅବା ନିଜ ପୁଅ ଝିଅର ମଲା କଥା ପାଟିରେ ବି ଧରିପାରିବେ । ସେମାନେ ଟ୍ରେନ୍ ରେ ଏବେ ଗାଁ ରେ ଆସି ପହଂଚିଲେ ଆଉ ଲୋକଙ୍କ ପ୍ରଶ୍ନ ରେ ଅତିଷ୍ଠ ହୋଇ ଯାଇଥିଲେ । ସେପଟେ ମା ବି ସମ୍ଭୁଛି କାଲିଠୁ । ଚଣ୍ଡୀ ନହେଲେ ଚଳିବ କିନ୍ତୁ ପପୁ ଦରକାର ତାକୁ । ପୁଅ ଦରକାର । କଥାରେ ଅଛି ପରେ ଯେତେ ଭାଇ ସେତେ ଘର । କିନ୍ତୁ ଚଣ୍ଡୀ ଝିଅ ଟେ ହୋଇ ଯାହା କରିଛି କେଉଁ ପୁଅ ବି କରିପାରିବନି । ବାରଟା ପରିବାରକୁ ସାହସ ଦେଇ ସେ ରାକ୍ଷସ ମାନଙ୍କ କବଳରୁ ମୁକ୍ତି କରିବା କଣ କମ କଥା ।

ଖବର କାଗଜ ଟା ତା' ହାତ ରେ ମୋଡ଼ି ହେଇ ଯାଇଥିଲା । ସେ ଆଉ ଥରେ ଖବର କାଗଜ ଟିକୁ ଦେଖିଲା । ଚଣ୍ଡୀର ଦେହ ଟା ଦି ଖଣ୍ଡ ହୋଇ ଟ୍ରେନ୍ ଲାଇନ୍‌ରେ ପଡ଼ିଥିଲା । ମୁହଁ ଆଉ ଦେହରେ ରକ୍ତର ଛିଟା ଗୁଡ଼ା ଶୁଖି କଳା ହୋଇ ଯାଇଥିଲେ ବି ନିଜ ଝିଅ କୁ ଠିକ ଚିହ୍ନି




# R. S. TUTORIALS

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !* *Admission Open !*

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**

Contact : 9861462581, 9861816123

ପାରୁଥିଲା । ସକାଳୁ ସକାଳୁ ଛକ ପାଖ ବରା ଦୋକାନ ରେ କାଲି ର ପେପର ଟା ପଢ଼ିଥିଲା । ବୁରୁ ଖବର କାଗଜରେ ଫଟୋ ଦେଖୁ ଦେଖୁ ଚଣ୍ଡୀ କୁ ଚିହ୍ନି ସାରିଥିଲା । ସ୍କୁଲ ପିଲା ଟିଏକୁ କହି ପେପର ପଢ଼େଇଲା ସେ । ପେପର ରେ ଲେଖା ହୋଇଥିବା ଗୋଟେ ଗୋଟେ ଶବ୍ଦ ତା କାନ ପାଖରେ ଗୁଣୁ ଗୁଣେଇ ହେଉଥିଲେ "ଜଙ୍ଗଲ ମଝିରେ ନାବାଳିକା ର ଆତ୍ମହତ୍ୟା, ବିଶାଖାପାଟଣା ଠାରୁ ୪୦ କିଲୋମିଟର ଦୂରରେ ଥିବା ଏକ ଜଙ୍ଗଲ ରେ ୧୪-୧୫ ବର୍ଷ ର ନାବାଳିକା ଆତ୍ମହତ୍ୟା କରିଛି । ତା ପରିଚୟ ମିଳି ପାରି ନାହିଁ । ବେଶ ଭୁଷା ରୁ ଓଡ଼ିଶାର ଝିଅ ବୋଲି ଜଣା ପଡୁଛି"..... ଆଉ କିଛି ଶୁଭି ନଥିଲା ବୁରୁକୁ । ଚଣ୍ଡୀ ମଲା ଖବର ତ ପାଇଗଲା । ହେଲେ ପପୁ ? କେତେ କଷ୍ଟ ଦେଇ ମାରି ନଥିବେ ଦି ଭାଇ ଭଉଣୀଙ୍କୁ । ପେପର ରେ ଚଣ୍ଡୀ ଫୋଟଟିକୁ ଆଉଁସି ଦେଇ ଗାମୁଛା ରେ ଆଖି ପୋଛିଲା ସେ । ତା ଜାଲୁ ଜାଲୁଆ ଆଖିରେ ପପୁ ର ମୁହଁ ଦିଶି ଯାଉଥିଲା । ପପୁ ହସି ହସି ବା'ଆ ବା'ଆ କହି ଗାଁ ମୁଣ୍ଡରୁ ଦୌଡ଼ି ଦୌଡ଼ି ଆସୁଥିଲା । ବୁରୁ ଆଖି ବନ୍ଦ କରି ତା ଦି' ଛୁଆଙ୍କ ଆତ୍ମା କୁ ପ୍ରଣାମ ଜଣେଇଲା ।

ଆଖି ଖୋଲିବା ପୂର୍ବରୁ ପପୁ ର ଡାକ ତା କାନ ରେ ପଡ଼ିଲା ଆଉ ପପୁ ଆସି ବୁରୁର ବେକରେ ଓହଳେଇ ହେଇ ପଡ଼ି ଗେହ୍ଲେଇ ହେଲା । ବୁରୁ ଭାବି ପାରୁ ନଥିଲା ସ୍ୱପ୍ନ ଦେଖୁଛି ନା ସତ । ଆଖିକୁ ବିଶ୍ୱାସ ହେଉ ନଥିଲା ତା'ର । ପପୁକୁ କୁଣ୍ଢେଇ ପକେଇ ବୋବ ପରେ ବୋବ ଦେଇ ଗଲା । ଆଉ କେହି ଦେଖିବା ପୂର୍ବରୁ ସେ ପପୁକୁ ଘର ଭିତରକୁ ନେଇ କଣ ହେଇଥିଲା ଆଉ ସେ ଏଠିକୁ ଆସିଲା କେମିତି ଜାଣିବାକୁ ଚେଷ୍ଟା କଲା । ବିମଳା ବି ଘର ଭିତରକୁ ଆସି ସାରିଥିଲା । ବିମଳା ପପୁ କୁ କୋଳ କୁ ନେଇ ସେମାନେ ପୁରା ଘଟଣା କଣ କହ.... ବୋଲି ପପୁ କୁ ପଚାରିଲେ ।

ପପୁ କହିଲା, "ସେଦିନ ନାନୀ ଆଉ ମୋତେ ସେମାନେ ଗାଡ଼ିରେ ବସେଇ ନେଇ ଗଲେ । ସେଠି ଆହୁରି ବି ତିନିଟା ଝିଅ ଥିଲେ । ସବୁ ନାନୀ ପରି । ମୁଁ ପୁଅଟା ବୋଲି ଜାଣିଲା ପରେ ମୋ ଫେଟ ସାର୍ଟ ଖୋଲି ଦେଇ ମୋତେ ନାଚିବାକୁ କହିଲେ । ମୁଁ ଖଟ ଉପରେ ନାଚୁଥିଲି । ବନ୍ଧୁକ ଥିଲା ତାଙ୍କ ପାଖରେ । ସେମାନେ ସବୁ ମଦ ପିଉଥିଲେ ଆଉ କଥା ହଉଥିଲେ ଝିଅ ମାନଙ୍କ ସହ । ସମସ୍ତେ ଜଣେ ଜଣେ ଝିଅ ସହ ଗୋଟେ ଗୋଟେ ବଖରା ଭିତରକୁ ଗଲେ । କିଛି ସମୟ ପରେ ନାନୀ ବାହାରକୁ ଆସିଲା । ତା ହାତରେ ରକ୍ତ ଲାଗିଥିଲା । ସେ ଅନ୍ୟ ବଖରାକୁ ଯାଇ କବାଟ ବାଡ଼େଇଲା ଆଉ ଭିତରକୁ ଗଲା । ସେ ବଖରାରୁ ବାହାରିଲାବେଳେ ତା ହାତରେ ଆଉ ସେ ଝିଅ ହାତରେ ବି ରକ୍ତ ଲାଗିଥିଲା । ସେମାନେ ଆର ଝିଅ ଦି ଜଣଙ୍କୁ ବି ଆଣିଲେ । ମୁଁ କବାଟ ପାଖରୁ ଦେଖିଲି ସେ ଲୋକଟା ମୁହଁ ମାଡ଼ି ତଳେ ପଡ଼ିଥିଲା । ତା ବେକରୁ ପିଚ ପିଚ ହୋଇ ରକ୍ତ ବାହାରୁ ଥିଲା । ଆମେ ସବୁ ଦୌଡ଼ି ଦୌଡ଼ି ଟ୍ରେନ୍ ଲାଇନ୍ ପାଖକୁ ଆସିଲୁ । ସେତେବେଳେ ଗୋଟେ ଟ୍ରେନ୍ ଯାଉଥିଲା, ଯଉଥିରେ କୋଇଲା ଯାଏ । ନାନୀ ତା' ନାଲିଆ ଓଢ଼ଣୀ ଟା ଟ୍ରେନ୍ କୁ ଦେଖେଇଲା । ଟ୍ରେନ୍ ରହିଲା ପରେ ଆମେ ସବୁ ସେ କୋଇଲା ଡବା ରେ ଚଢ଼ିଗଲୁ । ନାନୀ ସମସ୍ତଙ୍କ ଚଢ଼େଇ ଦେଇ ନିଜେ ଚଢ଼ିଲା ବେଳକୁ ଟ୍ରେନ୍ ଛାଡ଼ି ଦେଲା । କାଳିଆ ଗାର୍ଡ଼ ଗୋଟେ କୋଉଠି ଥିଲା କେଜାଣି, ନାନୀ ଚଢ଼ିଲା ବେଳକୁ ତା ଗୋଡ଼କୁ ଧରି ପକେଇଲା । ନାନୀ ସେ ଟ୍ରେନ୍ ତଳେ ପଡ଼ିଗଲା । ତା ପରେ ମୁଁ ଜାଣିନି ନାନୀ କୁଆଡ଼େ ଗଲା । ମୁଁ ଆସିକି ଗୋଟେ ଷ୍ଟେସନ୍ ରେ ପହଂଚିଲି । ସେ ଝିଅ ଗୁଡ଼ା ସେଠୁ କୁଆଡ଼େ ଗଲେ ମୁଁ ଜାଣିନି । ସେଠି ଆମ ଗାଁ ନାଁ କହିବାରୁ ସେମାନେ ମୋତେ ଆଉ ଗୋଟେ ଟ୍ରେନ୍‌ରେ ବସେଇ ଦେଲେ । ମୁଁ ଆସି କି ଏଠି ଷ୍ଟେସନ୍‌ରେ ଓହ୍ଲେଇଲି । ତା ପରେ ନିଧିଆ ବସରେ ଗାଁ କୁ ଆଇଲି ।"

ପପୁ, ଘର ବାହାରକୁ ଜେଜୀ ପାଖକୁ ଯାଉ ଯାଉ କହିଲା, "ନାନୀ ତମକୁ କହିବାକୁ କହିଥିଲା । କହିଲା, ବା'ଆ କୁ କହିବୁ ମୁଁ ସମସ୍ତଙ୍କୁ ମାରି ଦେଇଛି । ଛଅ ଜଣଙ୍କୁ ମାରିଛି ବୋଲି କହିଲା" । ବୁରୁର ପ୍ରତିଶୋଧ ଚଣ୍ଡୀ ନେଇ ସାରିଥିଲା । ଚଣ୍ଡୀ ର ମଲା ଦେହ ଟାକୁ ଆଣିବାକୁ ପୁଣି ଥରେ ସେ ଜାଗାକୁ ଯିବାକୁ ବୁରୁ ସାହସ ସଂଚୟ କରି ପାରୁନଥିଲା । ବିମଳା ଆଉ ବୁରୁ ଆଖିର ଲୁହ ବୋହୁଥାଏ । ମଣିଷ ପୁହଁ ସ୍ୱୟଂ ମା ଚଣ୍ଡୀ ଆସିଥିଲେ ଦୁଷ୍ଟ ମାନଙ୍କୁ ସଂହାର କରିବା ପାଇଁ । ବୁରୁ ଆଉ ବିମଳା ସେ ଦେବୀଙ୍କ ଉଦ୍ଦେଶ୍ୟ ରେ ହାତ ଯୋଡୁଥିଲେ ।

ବୁରୁ ଫେରି ଆସିଛି ବୋଲି ଖବର ପାଇବା ପର ଠାରୁ ବିଜୁ ବାବୁ ର ଦେଖା ନଥିଲା ଗାଁରେ.....

# ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

- ସାସ୍ୱତୀ ସାମଲ

"ଆରେ ଶୁଣୁଛ ଆମ ଅଫିସ ର ମହାପାତ୍ର ବାବୁଙ୍କ ଭାଇ ର ଝିଅ ବି ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲା ସେ ପ୍ରଥମ ଦଶ ଜଣଙ୍କ ମଧରେ ସପ୍ତମ ସ୍ଥାନ ଅଧିକାର କରିଛି ।" ସକାଳୁ ସକାଳୁ ବାପା ଙ୍କ ପାଟି ରେ ସ୍ମୃତି ର ନିଦ ଭାଙ୍ଗି ଗଲା । ପ୍ରତିଦିନ ମମି ପାପା ଙ୍କର ସେଇ ଗୋଟିଏ ବିଷୟବସ୍ତୁକୁ ନେଇ ଆଲୋଚନା ଚାଲିଛି । ଗତ ମାସରେ ଦଶମ ଶ୍ରେଣୀର ପ୍ରରୀକ୍ଷା ଫଳ ବାହାରିଲା ଓ ଦୁର୍ଭାଗ୍ୟବଶତଃ ସେ ପ୍ରଥମ ଦଶ ଜଣଙ୍କ ଭିତରେ ରହି ପାରିଲା ନାହିଁ । ତା ନାମ ଦ୍ୱାଦଶ ସ୍ଥାନରେ ରହିଗଲା । ଦଶମ ସ୍ଥାନ ପାଇଥିବା ପିଲାଠୁ ମାତ୍ର ତିନି ନମ୍ବର କମ୍ । କିନ୍ତୁ ଏଥିରେ ତାର କଣ ଭୁଲ, ସେ ତ ପରିଶ୍ରମ କରିବାରେ କେବେ ହେଳା କରିନି, ପାଠ ପାଇଁ ଚାରି ମାସ ହେବ ଘରୁ ବି ବାହାରିନି । ଏମିତିକି ନିଜ ସ୍ୱାସ୍ଥ୍ୟ ପ୍ରତି ବି ଧାନ ଦେଇନି । ସବୁ ବିଷୟରେ ଭଲ ନମ୍ବର ଅଛି ଖାଲି ଗୋଟେ ବିଷୟକୁ ଛାଡ଼ି କ'ଣ କରିବ ଯେତେ ପଢ଼ିଲେ ବି ଏ ବିଷୟ ଟି ତାର ମନେ ରୁହେନି, କିନ୍ତୁ ଏବେ ସେ ଅନୁଭବ କରୁଛି ।

ସତେ ଯେମିତି ତା ଦ୍ୱାରା କିଛି ଗୋଟେ ବଡ଼ ଭୁଲ ହୋଇ ଯାଇଛି । ଘରେ ନିଃଶବ୍ଦତା ଛାଇ ଯାଇଛି । ପରୀକ୍ଷା ଫଳ ବାହାରିବା ପରେ ମମି ଦୁଇ ତିନି ଦିନ ଅଫିସ ଗଲେନି । ମମି ପାପା ସବୁବେଳେ ଏସବୁ କୁ ନେଇ ପର୍ଯ୍ୟାଲୋଚନା । କାହା ପିଲା କେତେ ନମ୍ବର ରଖିଲା । କିଏ ବିଦେଶ ରେ ଚାକିରି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କଲା । ପଡ଼ିଶା ଘର ରାଜୁ ମଉସା ତାଙ୍କର ଏକ ଛୋଟ ତେଜରାତି ଦୋକାନ ଅଛି କିନ୍ତୁ ତାଙ୍କ ପୁଅ ଗତ ବର୍ଷ ଡାକ୍ତରି ପଢ଼ା ପାସ୍ କରି କେଉଁ ବଡ଼ ଡାକ୍ତରଖାନାରେ ଚାକିରି କରିଛନ୍ତି । ମମି ସବୁବେଳେ ଏବେ ତାଙ୍କ ଉଦାହରଣ ଦେଉଛନ୍ତି । ସେଦିନ କହୁଥିଲେ, "ଦେଖ ମୁନା, ମମି ତାକୁ ଗେହ୍ଲାରେ ମୁନା ଡାକନ୍ତି, ରାଜୁ ମଉସା ମୁର୍ଖ ତାଙ୍କ ସ୍ତ୍ରୀ ବି ଶ୍ରୀଅକ୍ଷର ବିବର୍ଜୀତ । ସେମାନେ ପାଠ ର ମୂଲ୍ୟ ଜାଣନ୍ତି ନା ପୁଅ କୁ କେବେ ପାଠ ପଢ଼ାରେ ସାହାଯ୍ୟ କରିଛନ୍ତି, ତଥାପି ତାଙ୍କ ପୁଅ ନିଜ ଚେଷ୍ଟାରେ ଆଜି ଡାକ୍ତର । ଏବେ ତା ନିଜ ପଇସା ରେ ଗାଡ଼ି, ଘର କିଣି କେତେ ଆଜାଦରେ ଅଛି । ମୋର ତ ସେ ବୁଢ଼ା ଉପରେ ଈର୍ଷା ହେଉଛି କାଲି ସାଇକେଲ୍ ପେଲୁଥିଲା ଆଜି ଗାଡ଼ି ଚଢ଼ି ବୁଲୁଛି ।"ଏପଟେ ନିଜକୁ ଦେଖ ତୋ ପାପା ଓ ମୁଁ ଦୁଇ ଜଣ ପଢୁଆ ଚାକିରି କରିଥିଲେ ବି ଅଫିସ୍‌ରୁ ଫେରି ତୋତେ ପାଠ ପଢ଼ା ରେ ସାହାଯ୍ୟ କରୁ, ତା ପରେ ବି ତୋର ଯେଉଁ ବିଷୟରେ ଅସୁବିଧା ହେଉଛି ଅଧିକ ଖର୍ଚ୍ଚ କୁ ନ ଡରି ଘରକୁ ଆସି ପଢ଼େଇବା ସକାଶେ ଭଲ ଶିକ୍ଷକ ଙ୍କ ବନ୍ଦୋବସ୍ତ କରିଛୁ, କିନ୍ତୁ ଲାଭ କଣ ହେଲା, ଆମ ପରିଶ୍ରମ ର ଫଳ ଓ ଆଶା ପାଣିଫୋଟକା ପରି ମିଳେଇଗଲା, ହଉ ଯାହା ହବାର ତ ଥିଲା ହୋଇଗଲା । ଆଗକୁ ତୁ ଯଦି ପରିଶ୍ରମ କରିବୁନି ତୋତେ ଡାକ୍ତର ପରିବାର ଆମର ସ୍ୱପ୍ନ କେବେ ବି ବାସ୍ତବତା ରେ ପରିଣତ ହେବନି । ଆମେ ବନ୍ଧୁବାନ୍ଧବ ସାଙ୍ଗସାଥୀଙ୍କୁ ମୁହଁ ଦେଖେଇ ପାରିବୁନି । ସ୍ମୃତି ଚୁପ୍ ରହିଲା କେମିତି ମମିଙ୍କୁ କହିବ ତା ଜୀବନର ଲକ୍ଷ୍ୟ ସେମାନେ ତା ପାଇଁ ଦେଖିଥିବା ସ୍ୱପ୍ନ ଠୁ ସମ୍ପୂର୍ଣ୍ଣ ଭିନ୍ନ । ତା ମନର ଭିତରେ ଏହାକୁ ନେଇ ଏକ ପ୍ରକାର ଅନ୍ତର୍ଦ୍ୱନ୍ଦ ଚାଲିଛି । ବର୍ତମାନ ସେ ମାନସିକ ଅସମଂଜସ ଅବସ୍ଥାରେ ଅଛି, ଏମିତି ତ ସେ ଭାଇ ସକାସେ ଦୁଃଖି ତା କଥା ଶୁଣି ଆହୁରି କଷ୍ଟ ପାଇବେ ବରଂ ବର୍ତମାନ ପାଇଁ ତାର ନୀରବ ରହିବା ହିଁ ଠିକ୍ ହେବ ।

ତା ବଡ଼ ଭାଇ ସତ୍ୟରଂଜନ । ପାଠରେ ଖେଳକୁଦ ସବୁଥିରେ ତା ଠୁ ଆଗୁଆ । ସେ ଯେଉଁ ବର୍ଷ ସପ୍ତମ ଶ୍ରେଣୀ ରେ ପଢୁଥିଲା ସେ ବର୍ଷ ଭାଇ ଯୁକ୍ତ ଦୁଇ ପରୀକ୍ଷା ପାସ୍ କଲେ । ବହୁତ ଭଲ ନମ୍ବର ବି ରଖିଥିଲେ । ମମି ପାପା ଙ୍କର ଖୁସିରେ ଗୋଡ଼ ତଳେ ଲାଗୁ ନଥିଲା । ସମସ୍ତଙ୍କୁ ନିଜ ତରଫରୁ ଫୋନ୍ କରି ପରୀକ୍ଷା ଫଳ ଜଣାଉଥିଲେ, ଭାଇର ଭାରି ଇଚ୍ଛା ଥିଲା ପଦାର୍ଥ ବିଜ୍ଞାନ ରେ ସ୍ନାତକ କରି ଭବିଷ୍ୟତ ରେ ଏକ ବୈଜ୍ଞାନିକ ହେବା ପାଇଁ ନୂଆ ନୂଆ ବିଷୟ ଉପରେ ଗବେଷଣା କରିବାରେ ତାଙ୍କର ବହୁତ ଆଗ୍ରହ, ମାତ୍ର ମମି ପାପାଙ୍କ ଜିଦ ପାଇଁ ଅନିଚ୍ଛା ସତ୍ୱେ ଦିଲ୍ଲୀର ଏକ ନାମୀ ଇଞ୍ଜିନୟରିଂ କଲେଜର ଦାଖିଲା ନେଲେ । ଏକରେ ତ ସେ ଜଳବାୟୁ ତାଙ୍କ ଦେହ ରେ ଗଲାନି । ବାରମ୍ବାର ଅସୁସ୍ଥ ହେଲେ ଦ୍ୱିତୀୟ ରେ ଘର ଠୁ ଏତେ ଦୂରରେ ସେ କେବେ ରହି ନଥିଲେ । ପ୍ରଥମ ବର୍ଷ ପ୍ରାୟ ପ୍ରତି ଦୁଇ ମାସରେ ଘରକୁ ପଳେଇ ଆସନ୍ତି । ପାପା ପୁଣି ତାଙ୍କୁ

ନେଇ ଛାଡ଼ି ଆସନ୍ତି । ତାପରେ କଣ ହେଲା କେଜାଣି ସେ ଆସ୍ତେ ଆସ୍ତେ ପରିବାର ଓ ପାଠ ଉଭୟ ଠାରୁ ଦୁରେଇ ଗଲେ ମମି ପାପାଙ୍କ ଠୁ ବିଭିନ୍ନ ଆଳ ଦେଖେଇ ପଇସା ନେବା ଆରମ୍ଭ କରିଦେଲେ ଶେଷରେ ବର୍ଷେ ହେବ ଆସି ଘରେ ଅଛନ୍ତି ପଚାରିଲେ କେହି ସେ ବିଷୟରେ କିଛି କୁହନ୍ତି ନାହିଁ । କିନ୍ତୁ ଭାଇ ଆଉ ଆଗପରି ନା ତା ସହିତ ଖେଳୁଛନ୍ତି ନା ତା ସହିତ ଭଲ ରେ କଥା ହେଉଛନ୍ତି, ସବୁ ବେଳେ ଚୁପ୍ । ତାଙ୍କ ପରିସ୍ଥିତି ପାଇଁ ସବୁବେଳେ ଘରେ ଗଣ୍ଡଗୋଳ ।

ସେଦିନ ସକାଳୁ ଉଠି ଦେଖେ ତ ମମି ପାପା ବ୍ୟସ୍ତ ରେ ଭାଇଙ୍କ ସାଙ୍ଗ ମାନଙ୍କୁ ଫୋନ କରୁଛନ୍ତି, "କ'ଣ ହେଲା ମମି" ? ସେ ପଚାରିଲା, "ତୋତେ ସତ୍ୟ କିଛି କହିଥିଲା କି, "ମମି ପଚାରିଲେ ତାଙ୍କ ସ୍ୱରରୁ ସ୍ପଷ୍ଟ ଜଣା ପଡୁଥିଲା ଘରେ କିଛି ଗୋଟେ ଅଘଟଣ ଘଟି ଯାଇଛି । ଯାହା ପାଇ ଘରେ ଏତେ ଅଶାନ୍ତି କାଲି ରାତିରେ ସେ କାହାକୁ କିଛି ନ କହି କୁଆଡ଼େ ଜାଲି ଯାଇଛନ୍ତି । ଦୁଇ ଦିନ ପରେ ତାଙ୍କ ମୃତ ଶରୀର ରେଳ ଧାରଣାରେ ମିଳିଲା । ରେଳ ଦୁର୍ଘଟଣାରେ ଭାଇ ଙ୍କର ମୃତ୍ୟୁ ହୋଇଛି ବୋଲି ପୋଲିସ ଖବର ଦେଲେ । ମମି, ପାପା ଓ ନିଜେ ତାକୁ ଏ ଦୁଃଖକୁ ସ୍ୱୀକାର କରିବାକୁ ବହୁତ ଦିନ ଲାଗିଗଲା ଆସ୍ତେ ଆସ୍ତେ ପରିସ୍ଥିତି ସ୍ୱାଭାବିକ ହେଲା । ସମସ୍ତେ ପୁଣି ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ହୋଇଗଲେ ।

ଆଜି ତା ବହି ଥାକ ସଜାଡ଼ିବା ବେଳେ ଏକ ଲିଫାପା ମିଳିଲା ଖୋଲି ଦେଖେ ତ ସେଥିରେ ଅଛି ତା ଉଦ୍ଦେଶ୍ୟରେ ଭାଇଙ୍କ ଅନ୍ତିମ ଚିଠି "ମୁନା ମୋର ଆଦରଣୀୟ ଭାଇ ଚିଠି ଟି ତୁ ପାଇଲା ବେଳକୁ ମୁଁ ଏହି ଦୁନିୟା ଛାଡ଼ି ସାରିଥିବି ନିଜ ଜୀବନ ପ୍ରତି ବିତିସ୍ପୃହ ହୋଇ ମୁଁ ଏ ପଦକ୍ଷେପ ନେଉଛି । ତୁ ହୁଏତ ଭାବିପାରୁ ଭାଇ ତୋର କାପୁରୁଷ, ଜୀବନ ର ଦୁଃଖ, ଝଡ଼ଝଞ୍ଜା କୁ ସାମନା ନ କରି ତା ସହିତ ନଲଢ଼ି । ଏତେ ଶୀଘ୍ର ହାର ମାନିନେଲା । କିନ୍ତୁ ଆତ୍ମହତ୍ୟା ଛଡ଼ା ମୋ ପାଖରେ ଅନ୍ୟ କେଉଁ ବିକଳ୍ପ ବାକିନଥିଲା । ପ୍ରତି ଦିନ ମମି ପାପାଙ୍କ ତିରସ୍କାର, ମୋ ପ୍ରତି ତାଙ୍କ ରୁକ୍ଷ ବ୍ୟବହାର, ସର୍ବୋପରେ ଘରେ ଅନ୍ୟ ମାନଙ୍କ ବିଷୟ ରେ ଆଲୋଚନା ସମସ୍ତ ଙ୍କ ପିଲା ମାନେ ଜୀବନ ରେ ବହୁତ ଆଗେଇ ଗଲେଣି । କିଏ ଡାକ୍ତର ତ କିଏ ଇଂଜିନିୟର ହୋଇ କୋଟି କୋଟି ଟଙ୍କା ରୋଜଗାର କଲେଣି, ମୁଁ ଅନୁଭବ କରୁଥିଲି ସତେ ଯେମିତି ମୁଁ ତାଙ୍କ ପାଇଁ ଏକ ଅଦରକାରୀ ବସ୍ତୁ, ମୋ ଉପସ୍ଥିତି ତାଙ୍କୁ ଅନ୍ୟ ମାନଙ୍କ ଆଗରେ ଅପ୍ରିୟକର ପରିସ୍ଥିତିରେ ପକାଉଛି । କିନ୍ତୁ ସେମାନଙ୍କୁ ମୁଁ ଜାଣି ଶୁଣି ଦୁଃଖ ଦେଉନଥିଲି, ପିଲା ଦିନରୁ ଦେଖୁଥିବା ସ୍ୱପ୍ନ କୁ ମମି ପାପା ଙ୍କ ଖୁସି ପାଇଁ ଭୁଲିବାକୁ ପଡ଼ିଲା । ଘର ଠାରୁ ଦୁରରେ ରହି ମାନସିକ ସ୍ତରରେ ବହୁତ ଦୁର୍ବଳ ହୋଇଗଲି, ତାର ସୁଯୋଗ ନେଇ କେତେକ ଖଳ ପ୍ରକୃତିର ବନ୍ଧୁ ମାନେ ମୋତେ ଜୋର ଜବରଦସ୍ତ ନିଶା ଖୁଆଇ ଦେଲେ, ଆସ୍ତେ ଆସ୍ତେ ମୁଁ ବି ସେ ସବୁରେ ଅଭ୍ୟସ୍ତ ହୋଇଗଲି । କେତେଥର ଭାବିଛି ମମିଙ୍କୁ ଏ ବିଷୟରେ କହିବା ପାଇଁ କିନ୍ତୁ ସାହସ ହୋଇନଥିଲା ସେଥିପାଇଁ ପରୋକ୍ଷରେ ମୋତେ ଏଠାରୁ ନେଇଯିବା ପାଇଁ କହିଥିଲି, ମମି ଶୁଣି ନଥିଲେ ବରଂ ମୁଁ କେମିତି ଭଲ ନମ୍ବର ରଖି ଶିକ୍ଷା ସମାପ୍ତ କରି ବିଦେଶ ରେ ଚାକିରି କରିବି ସେଥି ପ୍ରତି ଧ୍ୟାନ ଦେବାକୁ କହିଥିଲେ । ଶେଷରେ ମୁଁ ହାରିଗଲି ସବୁ କିଛି ଛାଡ଼ି ଘର କୁ ପଳେଇ ଆସିଲି । ଜୀବନରେ କିଛି କରିପାରିଲିନି, ମମି ପାପା ମୋତେ ନେଇ ଦେଖିଥିବା ଆଶା କୁ ପୁରଣ କରିପାରିଲିନି । ଜୀବନରେ ଆସୁଥିବା ସମସ୍ତ ପ୍ରତିରୋଧକୁ ତୁ ଦୃଢ଼ତା ସହିତ ସମ୍ମୁଖୀନ ହେବୁ, ପିଲାଦିନ ରୁ ତୁ ସ୍ୱାଧୀନଚେତା, ପରିଶ୍ରମୀ ଓ ସ୍ପଷ୍ଟବାଦୀ । ସେଥିପାଇଁ ନିଜ ଜୀବନ ର ଲକ୍ଷ୍ୟ କଣ ସେ ବିଷୟରେ ତୁ ନିଜେ ନିଷ୍ପତି ନେବୁ । କାହା ପ୍ରରୋଚନରେ କିମ୍ବା କାହାକୁ ଦେଖି ନିଜ ରାସ୍ତା ବଦଳେଇବୁନି । ଜୀବନ ଆସୁଥିବା ସମସ୍ତ ଝଡ଼ଝଞ୍ଜା ର ତୁ ସାହସ ର ସହିତ ସମ୍ମୁଖୀନ ହେବୁ । ମମି ପାପାଙ୍କ ଯତ୍ନ ନେବୁ, ମୋ ଚିଠି ବିଷୟରେ କାହାକୁ କହିବୁ ନାହିଁ । ସେମାନଙ୍କ ମନ ରେ କଷ୍ଟ ହେବ, ପ୍ରଭୁ ଗଣପତି ଙ୍କ ନିକଟ ରେ ଏତିକି ପ୍ରାର୍ଥନା ତୋ ଭବିଷ୍ୟତ ସୁଖମୟ ହେଉ....

ତୋ ଭାଇ, ସତ୍ୟ ।

ଭାଇଙ୍କ ଚିଠି ପଢ଼ିଲା ପରେ ସତେ ଯେମିତି ତା ମନ ଭିତରେ ଥିବା ଅନିଃଶ୍ଚିତତା ର ବାଦଲ ହଟିଜାଇ ତାକୁ ସବୁକିଛି ସ୍ପଷ୍ଟ ଦେଖାଯାଉଛି । ମନେ ମନେ ନିଃଷ୍ପତି ନେଲା ଯେ ସେ ବହୁତ ପାଠ ପଢ଼ି ଡାକ୍ତର ହେବ ମାତ୍ର ଏ ଅର୍ଥସର୍ବସ୍ୱ ଦୁନିଆ ର ଘୋଡ଼ାଦୌଡ଼ରେ ସାମିଲ ହେବା ପାଇଁ ନୁହେଁ, ବରଂ ଗବେଷଣା କରି ଏପରି କିଛି ଔଷଧ ଉଦ୍ଭାବନ କରିବ ଯାହାକି ନିଶାସକ୍ତ ରୋଗୀଙ୍କୁ ଭଲ କରିବା ରେ ସାହାଯ୍ୟ କରିବ । ଆଜିର ଯୁବସମାଜ କୁ ସମ୍ପୂର୍ଣ୍ଣ ନିଶାସକ୍ତ କରିବାର ଜୀବନର ଏକମାତ୍ର ଲକ୍ଷ୍ୟ ହେବ ଏବଂ ଏହାକୁ ପୁରଣ କରିବା ପାଇଁ ଯେତେ ପ୍ରତିରୋଧ ଆସିଲେ ବି ସେ ତାକୁ ସାହସର ସହିତ ମୁକାବିଲା କରିବ ଓ ଯଦି ଏଥିରେ ସଫଳ ହୁଏ ତା ହେଲେ ଭାଇଙ୍କ ପ୍ରତି ଏହା ତାର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ହେବ ।

ବସନ୍ତକୁଞ୍ଜ, ନିଉଦିଲ୍ଲୀ

# ଅଭାଗିନୀ

- ଜ୍ୟୋସ୍ନାମଞ୍ଜରୀ ତ୍ରିପାଠୀ

ନାଁ ତାର ରୁକ୍ମିଣୀ । ଦେଖିବାକୁ ବେଶୀ ସୁନ୍ଦରୀ ନହେଲେ ମଧ ଅସୁନ୍ଦରୀ ମଧ ନୁହେଁ । ସେ ଯେତେବେଳେ ପଂଚମ ଶ୍ରେଣୀରେ ପାଠ ପଢୁଥିଲା ବାପା ତାର ମଦ ପିଇ ପିଇ ଆରପାରିକି ଚାଲିଗଲା । ବାପାର ମୃତ୍ୟୁ ପରେ ତା ପାଠରେ ଡୋରି ବନ୍ଧା ହେଲା । ସେମାନେ ତିନି ଭଉଣୀ ଓ ଗୋଟିଏ ଭାଇ । ସବାସାନ ପିଲାଟି ଭାଇ ଥିଲା । ରୁକ୍ମିଣୀ ତଳେ ଅନାମି ଓ ଅରୁଣା । ଭାଇ ହରିବୋଲ ମାତ୍ର ଛଅମାସର ହୋଇଥିଲା ସେ ସମୟରେ କଂଚନି ବିଧବା ହେଲା (ରୁକ୍ମିଣୀର ବୋଉ କଂଚନ) । ରୁକ୍ମିଣୀ ବଡ଼ଝିଅ ଥିଲା । ବାପା ମରିଗଲା ପରେ ପାଂଚପ୍ରାଣୀ କୁଟୁମ୍ବ କେମିତି ଚଳିବେ ସେ ଚିନ୍ତା ସମସ୍ତଙ୍କୁ ଘାରୁଥିଲା । ରୁକ୍ମିଣୀ ଆଉ ପଢ଼ିବାକୁ ସ୍କୁଲ ଗଲା ନାହିଁ । ଘରର ସମସ୍ତ ଦାୟିତ୍ୱ ସେ ଦେଲା । ଭାଇ ଓ ଭଉଣୀର ଯତ୍ନ, ରୋଷେଇ ବାସ ଇତ୍ୟାଦି ସମସ୍ତ କଥା ରୁକ୍ମିଣୀ ହିଁ ବୁଝିଲା ।

ମା କଂଚନି ଗାଁରେ ଥିଲାବାଲା ଲୋକମାନଙ୍କ ଘରେ ବୋଲହାକ କରେ । କଂଚନି ରଘୁ ମଳିକର ସ୍ତ୍ରୀ ଥିଲା । ବାଡ଼ି ଗୋବରେ ଗୋବେ ବୋଲି ରଘୁର ଜମି ନଥିଲା । ବିବାହ ସମୟରେ କଂଚନିର ବାପ ରଘୁକୁ ଢିଅଟି ଦାନ ଦେଇଥିଲା । ଗାଁରେ ବ୍ରାହ୍ମଣ ଓ ଖଣ୍ଡାୟତ ସାହିର ଲୋକମାନେ କଂଚନିକୁ କାମ କରିବାକୁ ଡାକନ୍ତି । ଧାନ କଳରୁ ଧାନ କୁଟା ହୋଇ ଆସିଲେ ଲୋକମାନେ କଂଚନିକୁ ଚାଉଳ ପାଛୁଡ଼ିବାକୁ ଡାକନ୍ତି । ଚୁଡ଼ା ମଧ ପାଛୁଡ଼ି, ଚଳେଇ ରଖିବାକୁ ତାକୁ ଡାକନ୍ତି । ଗ୍ରାମର ଲୋକମାନଙ୍କର ଅନେକ ଗାଈ ଗୋରୁ ତେଣୁ ସେ ଗୋବର ସବୁକୁ ଚକଟି ଖରାଦିନ ପାଇଁ ରଖିବାକୁ ସେମାନେ କଂଚନିକୁ ଡାକନ୍ତି । ଗାଁର ଲୋକମାନେ ଏତେ ସ୍ୱଚ୍ଛଳ ନଥିଲେ ତେଣୁ ସମସ୍ତଙ୍କର ମାଟି ଘର ଥିଲା ।  ଛୁତିକିଆ, ମୂର୍ତିକିଆରେ କଂଚନିକୁ ଡାକନ୍ତି ସେ ସବୁ ଲିପା ପୋଛା କରିଦିଏ । ଚାଉଳ ଓ କିଛି ପନିପରିବା ଧରି କଂଚନି ଘରକୁ ଆସେ । କେହି କେହି ଗୁହାଳ ପକେଇବାକୁ ମଧ କଂଚନିକୁ ଖଞ୍ଜା କରିଥାଆନ୍ତି । କଂଚନି ଦିନ ଯାଇ ସେମାନଙ୍କ ଗୁହାଳ ସଫା କରେ ମାସକୁ କିଛି ଟଙ୍କା ସେମାନେ ତାକୁ ଦିଅନ୍ତି । ରୁକ୍ମିଣୀ ଦିଟା ଫୁଟେଇ ଦେଇଥାଏ । ମାଛୁଆ ମିଶି କି ତାକୁ ଖାଇଥାଆନ୍ତି । ବେଳେବେଳେ କଂଚନି ନିଜେ ନଖାଇ ଛୁଆକୁ ସବୁ ଦେଇ ଦିଏ ଓ ନିଜେ ପେଜକୁ ପିଇ ରହେ ।

ଏକଥା ସେ କାହା ଆଗରେ କହିବ ? ନିଆଁ ଲଗା ପୋଡ଼ା କପାଳଟା ତାକୁ ହଟହଟା କରୁଛି । ବାପ ଘରେ ହେଲେ ଦିବେଳା ଦିମୁଠା ଶାନ୍ତିରେ ଖାଉଥିଲା । ଏଠିକି ଆସିଲା ଦିନଠାରୁ ଅଧାପେଟ ହୋଇ ସର୍ବଦା ରହୁଛି । ବେଳେ ବେଳେ ଆଖିରୁ ପାଣି ନିଗିଡ଼ି ପଡ଼େ ହେଲେ କାହା ଆଗେ କହିବାକୁ ସେ ଉଚିତ୍ ମଣେ ନାହିଁ । କପାଳରେ ସିନା କର ମାରିବା ହିଁ ସାର୍ । ଯାହାର ହାତଧରି ଆସିଥିଲା, ଯିଏ ତାର ସାତ ଜନମର ସାଥୀ, ସେ ଆଜି ମଝି ରାସ୍ତାରେ ତାକୁ ଛାଡ଼ି ଆରପାରିକୁ ଚାଲିଗଲେ । ନିଆଁଲଗା ମଦ ଟୋପାଏ ତା ସଂସାରକୁ ଆଜି ଜାଳି ଦେଲା । ପୁଅକୁ ଚାହିଁ ଚାହିଁ ତିନିଟା ଝିଅ ଜନ୍ମ ହେଲେ । ଏ ଗରୀବ ପରିବାରରେ ପିଲାଙ୍କୁ ଚଳେଇବା ବହୁତ କଷ୍ଟ । ବୋଉ ଥିଲାବେଳେ ବିଭିନ୍ନ ପ୍ରକାର ସାହାଯ୍ୟ କରୁଥିଲା । ବୋଉ କିନ୍ତୁ ଆରପାରିକୁ ଚାଲିଗଲା ପରେ, ଭାଉଜମାନେ ତାଙ୍କ ସଂସାରକୁ ନେଇ ବ୍ୟସ୍ତ । ବାପା, ମା'ର କଂଚନି ଗୋଟିଏ ଝିଅ ହେଲେ ମଧ ବାପା ଓ ମା'ଙ୍କ ଅନ୍ତେ ଭାଇଭାଉଜମାନେ ତା ବିଷୟରେ କିଛି ଭାବୁ ନାହାନ୍ତି କି ତାକୁ ସାହାଯ୍ୟ ମଧ କରୁନାହାନ୍ତି । କିଛିଦିନ ସ୍ୱାମୀ ସହ ସେ ସୁଖରେ ଚଳିଥିଲା କିନ୍ତୁ ସ୍ୱାମୀ ମଦ ପିଇବା ଆରମ୍ଭ କଲା ଦିନୁ ଚାରିଆଡ୍ରୁ ତାର ଦୁଃଖ ହିଁ ଦୁଃଖ ଦେଖାଦେଲା ।

ବଡ଼ଝିଅ ରୁକ୍ମିଣୀ ବହୁତ ଭଲ ପାଠ ପଢୁଥିଲା କିନ୍ତୁ ଟଙ୍କା ଅଭାବରୁ ତାକୁ ଆଉ ସେ ପାଠ ପଢ଼ାଇ ପାରିଲାନି । ରୁକ୍ମିଣୀ ଦୀର୍ଘ ପାଂଚବର୍ଷ ହେଲା ଘରର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସଂପାଦନ କରୁଛି । ରୁକ୍ମିଣୀକୁ ଯେତେବେଳେ ପନ୍ଦର ବର୍ଷ ହେଲା ତା'ର ବିବାହ କରିବା ପାଇଁ ସମସ୍ତେ

କଂଚନିକୁ କହିଲେ । ତିନି ତିନୋଟି ଝିଅ ଏଣୁ ଗୋଟିଏ ପରେ ଗୋଟିଏ ଝିଅଙ୍କୁ ବାହାଦେଇ ତୁ ଶାନ୍ତିରେ ନିଃଶ୍ୱାସ ମାରିବୁ । କେଉଁଠୁ ଏତେ ଟଙ୍କା ମୁଁ ଯୋଗାଡ଼ କରିବି ଓ ଝିଅମାନଙ୍କ ବାହାଘର କରିବି ? ଶୟନେ, ସ୍ୱପନେ ଓ ଜାଗରଣରେ କଂଚନି ଭଗବାନଙ୍କୁ ହିଁ ଡାକୁଥାଏ । ଏତେ ଦୁଃଖ ପାଇଲା ପରେ ବୋଧେ ଭଗବାନ ତା ଡାକ ଶୁଣିଲେ । ତାଙ୍କରି ଗାଁର ହରି ମଳିକ ପୁଅ କାର୍ତିକା ମାଇନର ଫେଲ ହୋଇ ରାଜମିସ୍ତ୍ରୀ କାମ କରୁଛି । ମଧ୍ୟସ୍ଥି ମାଧ୍ୟମରେ ଖବର ପଠେଇଲେ କି ସେମାନେ ରକ୍ମିଣୀକୁ ବୋହୂ କରିବାକୁ ଚାହୁଁଛନ୍ତି । କାର୍ତିକା ମଧ ନିଜେ ରକ୍ମିଣୀକୁ ବିବାହ କରିବାକୁ ଇଚ୍ଛୁକ ବୋଲି ମଧ୍ୟସ୍ଥି କହିଲା । କଂଚନି ନିଜର ଅକ୍ଷମତା ଜଣାଇ ଦେଲା । ମୋର ତ କେହି ବୁଝିବାକୁ ନାହାନ୍ତି । ମୁଁ ମାଇପି ଲୋକଟି ଯଦି ଦେଣନେଣରେ କିଛି ଅସୁବିଧା ହୁଏ ସେମାନେ ରାଗିକି ମୋ ଝିଅକୁ ଯେପରି ଖୁଂଟା ନଦିଅନ୍ତି । ମଧ୍ୟସ୍ଥି କହିଲା ନାଁ ନାଁ ସେମାନେ କେବଳ ଝିଅଟିକୁ ହିଁ ନେବାକୁ ଚାହୁଁଛନ୍ତି । କିଛି ଡିମାଣ୍ଡ ନାହିଁ ତାଙ୍କର ।

ରକ୍ମିଣୀଟି ଦେଖିବାକୁ ଶ୍ୟାମଳୀ ସତ କିନ୍ତୁ ମୁହଁର ଗଢ଼ଣଟି ବହୁତ ସୁନ୍ଦର ଓ ସେ କାମିକା ଭାରି । ଏସବୁକୁ ଦେଖି କାର୍ତିକା ଓ ତା ବାପା ମାଆ ରକ୍ମିଣୀକୁ ବୋହୂ କରିବା ପାଇଁ ଆଗ୍ରହୀ ହେଲେ ଓ ଦୁଇଜଣଙ୍କର ମଧ ବିବାହ ହୋଇଗଲା । କଂଚନି ତା ସାଧ ମୁତାବକ ଜ୍ୱାଇଁ କୁ ଯୌତୁକ ଓ ବିବାହ ଭୋଜି ମଧ କରିଥିଲା । ଅତି ବଢ଼େଇ ଚଢ଼େଇ ନକରିଥିଲେ ମଧ ସାଧ ମୁତାବକ ଯୌତୁକ ଓ ଭୋଜିଭାତ କରିଥିଲା । ବିବାହ ପରର ଯେତେ ନୀତିନିୟମ ସବୁକୁ କଂଚନି ପାଳନ କରିଥିଲା । ବିବାହ ପରର ଯେତେ ନୀତିନିୟମ ସବୁକୁ କଂଚନି ପାଳନ କରିଥିଲା । ଗହ୍ଲାପୁନେଇରେ ଜ୍ୱାଇଁକୁ ଡାକି ଯଥାମାନ୍ୟ ଦେଇ ଯାହା ଯାହା ଦେବା କଥା ସେ ସବୁ ସେ କରିଥିଲା । ଝିଅ ଜ୍ୱାଇଁ ସହ ଗୋଟିଏ ବର୍ଷ ଭଲରେ ସମୟ ଅତିବାହିତ କରିଛି ତାପରେ କିନ୍ତୁ ଜ୍ୱାଇଁ ମଦ ପିଇ ଝିଅକୁ ଦୁର୍ବବ୍ୟହାର ପ୍ରଦର୍ଶନ କଲା । ସବୁବେଳେ କହିଲା ତୋ ବୋଉ ପାଖରୁ ଟଙ୍କା ଆଣ । ରକ୍ମିଣୀ କହିଲା ସେ କେଉଁଠୁ ଟଙ୍କା ଆଣି ମତେ ଦେବ ? ସେମାନେ ଚାରିଜଣ ଚଳିବା ତ ବହୁତ କଷ୍ଟ ହେଉଛି । ମତେ ସେମାନେ କେଉଁଠୁ ଆଣି ଦେବେ ? କାର୍ତିକା ପୁଣି କହେ ସେ ଡିଅଟା ନହେଲେ ବୋଉଠୁ ଆଣ । ରକ୍ମିଣୀ କୁହେ ସେ ଡିଅଟା ତ ମୋ ବାପାଙ୍କର ନୁହଁ, ମୋ ଅଜା ବୋଉକୁ ଦାନ କରିଛନ୍ତି ତାପରେ ମତେ ଡିଅଟା ବୋଉ ଦେଲେ ସେମାନେ ରହିବେ କେଉଁଠି ଓ କେମିତି ?

ସ୍ୱାମୀ କାର୍ତିକା କୁହେ ମୁଁ ଜାଣିନି ତୁ ଯଦି ନ ଆଣିବୁ ମୁଁ ତତେ ଛାଡ଼ିଦେବି । ରକ୍ମିଣୀ ଆଶ୍ଚର୍ଯ୍ୟ ହୁଏ । ଯେଉଁ ଲୋକ ମୋତେ ଭଲ ପାଇ ତାଙ୍କ ନିଜ ଆଡୁ ପ୍ରସ୍ତାବ ପଠାଇ ମତେ ବିବାହ କରିଥିଲେ । ଆଜି ପୁଣି ତାଙ୍କର କ'ଣ ଏମିତି ଅସୁବିଧା ହେଲା ଯେ ମତେ ଛାଡ଼ିଦେବେ ବୋଲି କହୁଛନ୍ତି ଓ ଟଙ୍କା ଆଣିବାକୁ କହୁଛନ୍ତି । ବର୍ତମାନ ରକ୍ମିଣୀ ସାତମାସର ଗର୍ଭବତୀ । କାର୍ତିକା ପେଟେ ମଦ ପିଇଦେଇ ରକ୍ମିଣୀ ସାଙ୍ଗରେ ପାଟି ତୁଣ୍ଡ କରେ ଓ ତାକୁ ମରାଧରା ମଧ କରେ । ରକ୍ମିଣୀ ଏକା ଶାଶୁକୁ କହିଲାରୁ ସେ କହିଲେ ତୋର ସବୁ ଦୋଷ । ସେ ଯାହା କହୁଛି ତୁ ସବୁ ପୂରଣ କରି ଦେଉନୁ କାହିଁକି ? ସେଥିପାଇଁ ସେ ମାରୁଛି ମୁଁ କ'ଣ କରିବି ? ରକ୍ମିଣୀ କିଂ କର୍ତବ୍ୟ ବିମୂଢ଼ ହୋଇ ହତାଶାରେ ଚାରିଆଡ଼କୁ ଚାହେଁ ଓ ଆଖିରୁ ଲୁହ ଝରାଏ । ତାର ବା ଆଉ ଚାରା କ'ଣ ଅଛି ? ଏପରି ସମୟରେ ବାପଘରକୁ ଯିବାଟା ଠିକ୍ ହେବନି ତେଣୁ ସ୍ୱାମୀର ସମସ୍ତ ଅକଥନୀୟ ଅତ୍ୟାଚାର ସେ ସହିଯାଏ । ଦିନେ ତାଙ୍କର ଦୁଧିଆଳୀ ଗାଈ ଓ ବାଛୁରୀ ଉଭୟେ ମୃତ୍ୟୁବରଣ କଲେ । ସନ୍ଧ୍ୟାବେଳକୁ କାର୍ତିକା ଟାଙ୍କେ ମଦ ପିଇ ଦେଇ କହିଲା ରକ୍ମିଣୀଟା ଡାହାଣୀଟେ ସେ ଡାହାଣୀ ପାଇଁ ଆମ ଗାଈ ଓ ବାଛୁରୀ ମୃତ୍ୟୁବରଣ କଲେ । ଶାଶୁ ଶ୍ୱଶୁର ମଧ ପୁଅକଥାକୁ ସମର୍ଥନ କଲେ । ସତରେ ଏ ଡାହାଣୀଟା ପାଇଁ ଏପରି ଅଘଟଣ ଘଟିଲା । ଏ ଆସିବା ଦିନଠୁ ଆମର କିଛି ଉପକାର ହୋଇନି ବରଂ ଅପକାର ହୋଇ ଚାଲିଛି । ଯେତେ ଅସୁବିଧା ସୃଷ୍ଟି ହେଉଛି ସବୁ ରକ୍ମିଣୀ ପାଇଁ ।

ଶାଶୁ କହିଲେ ମୋର ଶାନ୍ତଶିଷ୍ଟ ପୁଅଟି ପରା ଏ ବୋହୂର ଜାଳାରେ ମଦ ପିଉଛି । ଆଗରୁ ତ ମୋ ପୁଅ ସୁନାପିଲା ଥିଲା । ମଦ ସେ ଛୁଇଁ ନଥିଲା କିନ୍ତୁ ଏଇ ଅଲକ୍ଷଣୀକୁ ସେ ବାହାହେଲା ଦିନୁ ମଦ ପିଇପିଇ ସେ ଚୁର ହୋଇଯାଇଛି । ଆମେ ପରା ସେତେବେଳେ ନାହିଁ କରୁଥିଲୁ ସେ ଝିଅ ଭଲ ନୁହେଁ । ତାର ବାପ ନାହିଁ ମୁରବୀ କେହି ନାହାନ୍ତି ନାଁ ଆମେ ସେଠି କରିବାନି । ଆଉ ଅନ୍ୟ ଜାଗାରେ ଝିଅ ଦେଖିବା । କାର୍ତିକା କ'ଣ ଆମ କଥା ଶୁଣିଲା ? କ'ଣ

ସେ ଡାହାଣୀ ଠେଇଁ ରସ ପଶିଥିଲା କେଜାଣି ? ଏବେ ବୁଝୁଛି । ସେତେବେଳେ ତ ଗୋଟିଏ ରଟ ଧରିଲା ମୁଁ ରକ୍ମିଣୀକୁ ହିଁ ବାହା ହେବି । ଆମେ ଦୁହେଁ ଚୁପ୍ ରହି ତାକୁ ବାହା କରେଇ ଦେଲୁ କିନ୍ତୁ ଏବେ ତାର ଅସଲରୂପ ଜଣାପଡ଼ିଲା । ପୁଅ ଏବେ ବୁଝିଲା । ମାଲୋ ମା, ଏ କଂଚା ଖାଇ ଡାହାଣୀଟା ଯଦି ବେଶୀଦିନ ଆମ ଘରେ ରହିବ ସମସ୍ତଙ୍କୁ ଖାଇଦେବ । ତା ପାଇଁ ଆମକୁ ଗୋହତ୍ୟା ପାପ ଲାଗିଲା ।

ଲୋକାମା' ପଚାରିଲା ଇଲୋ ନାନୀ, ତୋ ବୋହୂ କ'ଣ ରାତ୍ରିରେ ଶ୍ମଶାନକୁ ଯାଏ ଘୁଅ ଚରିବା ପାଇଁ ? ଡାହାଣୀମାନେ ଯେମିତି ଉଲଗ୍ନ ହୋଇ ଯାଆନ୍ତି ତୋ ବୋହୂ ସେମିତି ଯାଏ ? ହଁ ଯାଉଥିବ ଆମେ କେମିତି ଜାଣିଲୁ ? ଆମେ ସବୁ ଶୋଇଲା ପରେ ସେ ତାର ଉଠିକି ଯାଉଥିବ । ଏ ଆମ ଘରେ ବେଶୀଦିନ ରହିଲେ ଆମର ଦୁଃଖ ବଢ଼ିବ । କେଉଁଦିନ ସେ ମୋ ପୁଅ ଛାତି ଉପରେ ଚଢ଼ି ତା ଜୀବନ ନେଇଯିବ । ଯେତେଶୀଘ୍ର ହେଉ ତା ବୋଉ ପାଖକୁ ତାକୁ ପଠେଇବାକୁ ପଡ଼ିବ ।

ଏସବୁ ଅବାନ୍ତର ଓ କପୋଳକଳ୍ପିତ କଥା ଶୁଣି ଶୁଣି ରକ୍ମିଣୀ ସର୍ବଦା ଖାଲି ଝରଝର ହୋଇ ତା ଆଖିରୁ ଲୁହ ଝରାଏ । ସେ ଯେତେ ପ୍ରତିବାଦ କଲେ ବି ତା କଥା ମେହି ଶୁଣୁ ନ ଥିଲେ । ତାକୁ ଯାଚ୍ଛୁ ସ୍ୟାଚ୍ଛୁ ଗୁଡ଼ାଏ ଅପଶବ୍ଦ ପ୍ରୟୋଗ କରି କହୁଥିଲେ । ରକ୍ମିଣୀ ଭାବିଲା ଏ ସମସ୍ତେ ମୋର ଭୂରି ଭୂରି ପ୍ରଶଂସା କରୁଥିଲେ । ମୁଁ ସୁନାନକୀ ବୋହୂ କହୁଥିବା ଶାଶୁଙ୍କର ଆଜି ଏ କି ରୂପ ? ମତେ କାଲି ତିରସ୍କାର ଓ ଛିଛାକାର କରୁଛନ୍ତି । ତଥାପି ସେ ଏ ଭ୍ରାନ୍ତଧାରଣାକୁ ଦୂର କରିବା ପାଇଁ ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କ ପାଦତଳେ ପଡ଼ି ବହୁତ ନେହୁରା ହୋଇ କହିଲା କିନ୍ତୁ ତାକୁ କୋଳେଇ ନେବା ପରିବର୍ତ୍ତେ ସମସ୍ତେ ହତାଦାର କଲେ ଓ ସ୍ୱାମୀଙ୍କ ଗୋଇଠା ମାଡ଼ରେ ରକ୍ମିଣୀ ଚେତା ହରାଇ ପଡ଼ିଲା ।

ସାରା ଗାଁରେ ଚହଳ ପଡ଼ିଗଲା କାର୍ତିକା ସ୍ତ୍ରୀ ରକ୍ମିଣୀ ଡାହାଣୀଟାଏ । ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସେମାନଙ୍କ ଭିତରେ ଆଲୋଚନା କଲେ ଯଥାଶୀଘ୍ର କିପରି ତାକୁ ଏଠୁ ବିଦା କରିବା । ଗୋଟିଏ ଗାଁରେ ଘର ହୋଇଥିବାରୁ କଂଚନି ଏ ସବୁ ଶୁଣି ଆସି ସମୁଦି ଓ ସମୁଦୁଣୀଙ୍କୁ ବୁଝେଇବାକୁ ବହୁତ ଚେଷ୍ଟା କଲା କିନ୍ତୁ ସେମାନେ କିଛି ଶୁଣିଲେନି । ଜ୍ୱାଇଁଙ୍କୁ ମଧ୍ୟ ବହୁତ ବୁଝେଇଲା ସେ ମଧ୍ୟ କିଛି ବୁଝିଲାନି । ଓଲଟି କଂଚନିକୁ ବାରକଥା କହି ଗାଳିଦେଲେ ଓ ଡାହାଣୀ ଝିଅକୁ ସାଙ୍ଗରେ ନେଇ କି ଏଠୁ ଶୀଘ୍ର ବାହାରି ଯା । ତା ଭଳି ଡାହାଣୀ ବୋହୂ ଆମର ଦରକାର ନାହିଁ । ଯେତେ ନେହୁରା କଂଚନି ହେଲା କେହି ତା କଥା ଶୁଣିଲେନି । କଂଚନିର ଅନୁନୟ ବିନୟ କଥା କହାରି ହୃଦୟକୁ ଛୁଇଁଲାନି ବରଂ ସଫା ସଫା ସେମାନେ ଶୁଣେଇଲେ ଯେ ଆମପୁଅକୁ ଆମେ ଆଉଥରେ ବିବାହ ଦେବୁ । ଏ ଡାହାଣୀ ଆମକୁଳ ଉଚ୍ଛନ୍ନ କରିଦେବ । ବାଧ ହୋଇ କଂଚନି ତଳେ ପଡ଼ିଥିବା ଝିଅପାଖକୁ ଯାଇ ଯାହା ଦେଖିଲା ସେଥିରେ ତା ଆଖି ଖୋଷି ହୋଇଗଲା । ରକ୍ମିଣୀ କାନ୍ଦି କାନ୍ଦି ତଳେ ଗଡ଼ିଯାଇଛି । ସ୍ୱାମୀ ମାରିଥିବା ଗୋଇଠାର ଫଳ ସେ ଭୋଗୁଛି । ତା ପେଟ ଭୀଷଣଭାବେ ଯନ୍ତ୍ରଣା ହେଉଛି । ବୋଉକୁ ଦେଖି ବିକଳ ହୋଇ ସେ କହୁଛି ବୋଉ, ମୁଁ ଆଉ ବଂଚିବିନି । ମୁଁ ଓ ମୋ ପିଲା ଦୁହେଁ ମରିଯିବୁ ।

କଂଚନି ବିକଳ ହୋଇ ଜଣ ଜଣ କରି ସମସ୍ତଙ୍କୁ ଡାକୁଛି ଆସ ଟିକେ ସାହାଯ୍ୟ କର ଆମେ ସମସ୍ତେ ମିଶିକି ତାକୁ ଡାକ୍ତର ପାଖକୁ ନେଇଯିବା । ତୁମ ବଂଶଧର ତା ଗର୍ଭରେ ବଢୁଛି । ହେ ସମୁଦି ଓ ସମୁଦୁଣୀ ତୁମର ନାତି କି ନାତୁଣୀ ହେବ । କେତେ ଖୁସି ଓ ଆନନ୍ଦର କଥା । ଆସ ଆମେ ରକ୍ମିଣୀକୁ ଡାକ୍ତରଖାନା ନେଇଯିବା । ଯେ ଯୁଆଡ଼େ ସେ ସ୍ଥାନ ଛାଡ଼ି ପଳେଇଲେ । ଦାଣ୍ଡରୁ ଦୁଇଜଣ ଭେଣ୍ଡା ଟୋକାକୁ କଂଚନି ଡାକିବାକୁ ଗଲା । ସେମାନେ କହିଲେ ସେ ଡାହାଣୀଟାଏ ଆମେ ଗଲେ ଆମକୁ ସେ ଖାଇଦେବ । ଆମେ ଯିବୁନି । ଝରଝର ଲୁହ ଝରେଇ କଂଚନି ନିଜ ଝିଅ ଦୁଇଜଣଙ୍କ ସହାୟତାରେ ଅଟୋରେ ମେଡ଼ିକାଲକୁ ଆଣିଲେ । ସେଠାରେ ରକ୍ମିଣୀର ଅନେକ ରକ୍ତସ୍ରାବ ହେଲା ଓ ମୃତ ପିଲାଟିଏ ଜନ୍ମ ହେଲା । ରକ୍ମିଣୀ ବଂଚିଗଲା ସତ କିନ୍ତୁ ତାର ଅବସ୍ଥା ବହୁତ ଦୁର୍ବଳ ହୋଇଗଲା ।

ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କର ଅକଥନୀୟ ଅତ୍ୟାଚରର ଫଳ ସେ ଭୋଗୁଛି । ଏପରି ଦୁଃଖୀ ହୋଇଗଲା ଯେ ରକ୍ମିଣୀ ନିଜର ମାନସିକ ଭାରସାମ୍ୟ ହରେଇ ବସିଲା । ସମସ୍ତଙ୍କ ଆଗରେ ସେ ନିଜର ଗର୍ଭସ୍ଥ ସନ୍ତାନ କଥା ସେ କୁହେ । ଦୁଇ ଭଉଣୀ ଓ ବୋଉ ସର୍ବଦା କାନ୍ଦୁଥାଆନ୍ତି । କଂଚନି କାନ୍ଦି କାନ୍ଦି କହୁଥାଏ- "ଦଇବ

କେତେ କେତେ ଦଣ୍ଡ ମୋତେ ଦେଉଛି ?" ମୋଠାରୁ ମୋ ସ୍ୱାମୀକୁ ଛଡ଼େଇ ନେଲା ପୁଣି ଏବେ ବଡ଼ଝିଅର ଏ ଶୋଚନୀୟ ଅବସ୍ଥା, ମୁଁ କ'ଣ କରିପାରିବି ? ଏଭଳି ମିଥ୍ୟା ପ୍ରଚାର କଲେ ଯେ ଲୋକମାନେ ତା ଘରକୁ ଆସିବା ବନ୍ଦ କରି ଦେଇଛନ୍ତି । "ସଜ ମାଛରେ ପୋକ ପକେଇବା ଅଭ୍ୟାସ ଲୋକଙ୍କର ଅଛି ।" ମୋର ସୁନାପ୍ରତିମା ପରି ଝିଅର ଅବସ୍ଥା ଆଜି ଏଇମାନେ ହିଁ କରିଛନ୍ତି ।

ବଡ଼ ଅଜବ ଆମ ସମାଜ । କୌଣସି କଥାର ସତ୍ୟତା ନଥାଇ ସେମାନେ ଏତେବଡ଼ ଘଟଣା ଘଟାଇଲେ ଯେ ମୋ ଝିଅର ସଂସାର ଛାରଖାର ହୋଇଗଲା । "କୁଆଟେ ଉଡ଼ିଗଲେ ଛୁଆଟେ ଉଡ଼ିଗଲା" ନ୍ୟାୟରେ ସେମାନେ ବିଶ୍ୱାସ କରି ଘଡ଼ିକରେ ଘୋଡ଼ା ଛୁଟାଇ ଦିଅନ୍ତି । ଏତେ ଶାନ୍ତ ସରଳ, କାମିକା ଝିଅଟିର ଅବସ୍ଥା ଦେଖି ମା ଓ ଭଉଣୀମାନେ ବଡ଼ ବ୍ୟସ୍ତ ଓ ବିବ୍ରତ । ତାଙ୍କର ଆଉ କ'ଣ ବା ଚାରା ଅଛି ? ଏତିକିବେଳେ କଂଚନି ଶୁଣିଲା ଯେ କାର୍ତିକାର ଆଉଥରେ ବିବାହ ବିବାହ ପ୍ରସ୍ତାବ ଚାଲିଛି ସେ ପୁର୍ନବିବାହ କରିବ । ଝିଅର ଏତେ ଅବସ୍ଥା ହେଲା ଦିନେ ହେଲେ ସେମାନେ ଦେଖି ଆସିଲେ ନାହିଁ । କ'ଣ ଆଉ ସେ କରିବ ? ଭାବିଲା ଏମାନେ ଏତେ ହୃଦୟହୀନ ଯେ ମୁଁ ଆଉ ତାଙ୍କୁ କ'ଣ କହିବି ? ହଉ ଭଗବାନଙ୍କର ଇଚ୍ଛା ସେ ହିଁ ଯାହା କରିବେ । ମୁଁ ତ ଏକ ଅଭାଗିନୀ ନିଆଶ୍ରୀଟିଏ । ତେଣୁ ମୋ ପାଖରେ ଏତେ ସମ୍ବଳ ନାହିଁ ଯେ ମୁଁ ତାଙ୍କ ବିରୁଦ୍ଧରେ କେସ୍ କରିବି ? ଯାହାକିଛି ମୁଁ ରୋଜଗାର କରେ ଦିନବଳା ଦିମୁଠା ପେଟପୂରା ଖାଇପାରୁନୁ । ହଉ ଭଗବାନଙ୍କ ଇଚ୍ଛା ହିଁ ମୋର ସମ୍ବଳ ।

କାର୍ତିକାର ଦ୍ୱିତୀୟ ବିବାହ କଥା ଶୁଣି କଂଚନି ବିବାହ ରୋକିବାକୁ ମଧ୍ୟସ୍ଥି ମାଧ୍ୟମରେ ବହୁତ ଚେଷ୍ଟା କରିଛି କିନ୍ତୁ ତା ସମ୍ଭବ ହୋଇପାରିନି । ଘରର ପ୍ରତ୍ୟେକ ସଦସ୍ୟ ନଛୋଡ଼ବନ୍ଧା ନାଁ ନାଁ ସେ ଡାହାଣୀକୁ ଆମେ ଆଉ ଆମଘରକୁ ଆଣିବୁନି । ଆମଘରକୁ ଆସିଲା ଦିନଠାରୁ ଆମର ସବୁ ଅମଙ୍ଗଳ ହିଁ ହେଉଛି । ତୁମେ ତୁମ ଝିଅକୁ ତୁମ ପାଖରେ ରଖ । ସେ ଖାଲି ଡାହାଣୀ ନୁହଁ ପାଗେଳୀ ମଧ ହୋଇଗଲାଣି । କଂଚନି ସମୁଦୁଣୀଙ୍କ କହିଲା ସମୁଦୁଣୀ! ତୁମେ ତ ନାରୀଟିଏ, ତୁମେ କ'ଣ ନାରୀର ମନକଥାକୁ ବୁଝିପାରୁନ ? ତୁମେ ଡାହାଣ ଅନୁଭବ କରିପାରୁନ ? ତୁମକୁ ତ ଭଗବାନ ଗୋଟିଏ ଝିଅ ଦେଇଛନ୍ତି ତଥାପି ଝିଅର ମା ହୋଇ ତୁମେ ଏତେ ନିଷ୍ଠୁର କେମିତି ହେଉଛ ? ସେ କ'ଣ ଆଗରୁ ଏମିତି ଥିଲା ? ତୁମେ ମାନେ ସବୁ ତ ରାଜି ହୋଇ ବିବାହ ପ୍ରସ୍ତାବ ଦେଇଥିଲ । ମତେ ତ କହିଲ ଆମର କିଛି ବି ଦରକାର ନାହିଁ । ମୁଁ କନ୍ୟାସୁନା କରି ବୋହୂକୁ ନେବି । ଏବେ ପୁଣି ଝିଅକୁ କାହିଁକି ଟଙ୍କା ଓ ଡିଅ କଥା କହୁଥିଲ ? ମୁଁ ତ ମୋ ସାଧ ଅନୁସାରେ ଯୌତୁକ ଦେଲି ଓ ରୀତିନୀତି ଅନୁସାରେ ବିବାହର ସମସ୍ତ ପରଂପରାକୁ ମଧ ପୂରଣ କରିଛି । ଗୋଟିଏ ବର୍ଷ ତୁମ ଘରେ ସେ ବହୁତ ଭଲରେ ଚଳିଲା କ'ଣ ଅସୁବିଧା ହେଲା ଯେ ତୁମେ ମୋ ଝିଅକୁ ଏପରି ବଦ୍‌ନାମ କରୁଛ ? ତୁମର ଯେଉଁ ଅଘଟଣ ଘଟିଲା ତା ମୋ ଝିଅ ପାଇଁ ନୁହେଁ । ତୁମ ଭାଗ୍ୟଦୋଷରୁ ଗାଈ ଓ ବାଛୁରୀ ସର୍ପାଘାତରେ ମୃତ୍ୟୁବରଣ କଲେ । ଏଥିରେ ରୁକ୍ମିଣୀର ଦୋଷ କେଉଁଠି ରହିଲା ? ସମୁଦି ଡିବିଧରି ଗୁହାଳକୁ ଯାଇଥିଲେ ଧୁଆଁ ଦେବା ପାଇଁ । ତାଙ୍କ ଅସାବଧାନତା ବଶତଃ ଗୁହାଳ ଘରେ ନିଆଁ ଲାଗିଲା ଏଥିରେ ମୋ ଝିଅର ଦୋଷ କେଉଁଠି ରହିଲା ?

ବିରାଟ ବଡ଼ ପାଟିରେ ସମୁଦୁଣୀ ଗର୍ଜନ କରି କହିଲା ଯା, ଯା ମୋଘରୁ ଶୀଘ୍ର ବାହାରିଯା । ତୁ ଏତେ ଆଉ ଭଲେଇ ଦେଖେଇ ହନା । ଡାହାଣୀ, ପାଗେଳୀ ଝିଅର ଗୁଣ ଆଉ ମୋ ଆଗରେ ବଖାଣନା । ତୋ ଗପ ମୁଁ ବହୁତ ଶୁଣିଲିଣି । ଶୀଘ୍ର ମୋ ଘରୁ ତୁ ଉଠିଯା । ତୋ ଝିଅକୁ ଆମେ ଆଉ ଗ୍ରହଣ କରିବୁନି । ଏପରି ଅନେକ ଅଶ୍ରାବ୍ୟ ଭାଷାରେ ରୁକ୍ମିଣୀକୁ ଗାଳି ଦେଲେ । ବାଧ ହୋଇ କଂଚନି ସେ ସ୍ଥାନ ଛାଡ଼ିଲା ଆସିଲା ବେଳେ ଅଭିଶାପ ଦେଇ ଆଖିରୁ ଲୁହ ଗଡ଼େଇ ସେ ଆସିଲା । ଭଗବାନଙ୍କୁ ସର୍ବଦା ଡାକୁଥାଏ ତା ଝିଅ କେମିତି ଶୀଘ୍ର ସୁସ୍ଥ ହେଇଯାଉ । ହୁଏତ ଅନ୍ୟ କେଉଁ ସ୍ଥାନରେ ସେ ଝିଅକୁ ଆଉଥରେ ବିବାହ ଦେବ ।

କିଛିଦିନ ହେଲା ରୁକ୍ମିଣୀ ଟିକେ ସୁସ୍ଥ ହେଲାଣି । ଆଗରୁ ଯେମିତି ଉଦାସୀନ ହୋଇ ସେ ବସୁଥିଲା କିନ୍ତୁ ଟିକେ ଟିକେ ଚଳଚଂଚଳ ହେଲାଣି । ଭଉଣୀ ଓ କଂଚନି ମନରେ ବହୁତ ଖୁସି । କାର୍ତିକାର ବିବାହ ଦିନ ବାଜା ବାଜିବାର ଶବ୍ଦରେ ବୋଉ ଓ ଭଉଣୀଙ୍କୁ ପଚାରିଲା ଏ ବାଜା କେଉଁଠି ବାଜୁଛି ? ନୀରବରେ ଅଶ୍ରୁପାତ କରି ବସିବା ଜାଗାରୁ ଉଠିଗଲା ରୁକ୍ମିଣୀ । କାରଣ କଂଚନି କିଛି କହିଲାନି ହେଲେ

ଭଉଣୀମାନେ କହିଲେ କାର୍ତିକାର ବିବାହରେ ବାଜା ବାଜୁଛି । ଗୋଟିଏ ଘର ଭିତରେ ପଶି ରୁକ୍ମିଣୀ କବାଟ କିଳି ଦେଲା । କିଛି ସମୟ ପରେ ଗଁ ଗଁ ଶବ୍ଦ ଶୁଭିଲା । ମା ଓ ଭଉଣୀମାନେ ଯେତେ ତାକୁ ଡାକିଲେ ସେ କବାଟ ଆଉ ଖୋଲିଲାନି । ବାଧ ହୋଇ ସେମାନେ କବାଟ ତାଡ଼ି ଯାହା ଦେଖିଲେ ସେଥିରେ ସମସ୍ତେ ସ୍ତବ୍ଧ ହୋଇଗଲେ । ବେକରେ ଶାଢ଼ୀ ଦ୍ୱାରା ରୁକ୍ମିଣୀ ଆତ୍ମହତ୍ୟା କରିଛି । ସେପଟେ ବାଣରୋଷଣୀ ଓ ଖୁସିର କଳରୋଳ ଆଉ ଏପଟେ ଦୁଃଖରେ ପରିବାର ଅସ୍ଥିର ହୋଇ କାନ୍ଦର ଲହରୀ ଖେଳି ଯାଇଛି । ଲୋକମାନଙ୍କ ସହ କଂଚନୀ ଝିଅକୁ ମଶାଣୀକୁ ନେବାର ବ୍ୟବସ୍ଥା କଲା । ସତେ ଯେମିତି ଦୁଃଖର ବାହାଡ଼ କଂଚନି ଉପରେ ଭାଙ୍ଗି ପଡୁଛି ।

କାର୍ତିକାର ବିବାହ ବେଦୀରେ ହୋମ ଧୁଆଁ ଉପରକୁ ଉଠୁଥିବା ବେଳେ ରୁକ୍ମିଣୀର ଜୁଇର ଧୁଆଁ ମଧ ଆକାଶର ଉପରକୁ ଉଠୁଛି । ସମଗ୍ର ପରିବାର ଦୁଃଖରେ ଅତିଷ୍ଠ । କଂଚନି ପରିବାରରେ ଲୁହରେ ସମସ୍ତେ ଭିଜୁଥିବା ବେଳେ କାର୍ତିକା ପରିବାରରେ ଖୁସି ଓ ଆନନ୍ଦର ଲହରୀ ଖେଳୁଛି । ଜଣେ ଜୀବନକୁ ନୂତନ କରି ଜୀଇଁବାକୁ ଯାଉଥିବା ବେଳେ ଅନ୍ୟ ଜଣେ ତା ଜୀବନର ଗତିକୁ ଅବସାନ କରିଦେଇଛି କେବଳ ସନ୍ଦେହ ପାଇଁ । ଏଥିରେ ସତ୍ୟତା କିଛି ନାହିଁ । ଯା ଭିତରେ ବିବାହ ଛ'ମାସ ବିତିଗଲାଣି । ଛ'ମାସ ଭିତରେ କାର୍ତିକା ଅନୁଭବ କଲା ତାର ଏ ସ୍ତ୍ରୀଟି ରୁକ୍ମିଣୀ ପରି ସହିଷ୍ଣୁ ନୁହେଁ । ଏ ବୋହୂ ଟି ରଣଚଣ୍ଡୀ । ବହୁତ ଉଗ୍ରରୂପ ତା'ର । ସେ କାହାରିକୁ ଖାତିର କରୁନି । କାର୍ତିକା ବୋଉ କହୁଛି ରୁକ୍ମିଣୀ ମୋର ସୁନାପ୍ରତିମା ବୋହୂ ଥିଲା । ଲକ୍ଷ୍ମୀବନ୍ତ ଝିଅଟେ ଥିଲା । ଆମର ସେ ବହୁତ ସେବା କରୁଥିଲା । ତାକୁ ଯେତେ ଯାହା କହିଲେ ବି ସେ ଆମକୁ ହୂଡ଼ିକି କିଛି କହୁନଥିଲା । ଏ ପୁଅ ମୁଣ୍ଡରେ କିଏ ଦୁର୍ବୁଦ୍ଧି ପୁରେଇଲା କେଜାଣି ସେ ଭଳି ବୋହୂକୁ ଆମେ ହରେଇଲୁ ଆଉ ଏ ଉଗ୍ରଚଣ୍ଡୀ ମୋ ଘରକୁ ଆସିଲା । ରୁକ୍ମିଣୀ ଘରର ସବୁ ପାଇଟି କରୁଥିଲା । ସତରେ ଆଜି ମୁଁ ଅନୁଭବ କରୁଛି "ସାତ କଥାରେ ସତୀ ଭୁଲେ ।" ପର କଥାରେ ପଡ଼ି ମୋ ଗୁଣର ବୋହୂକୁ ମୁଁ ହରାଇଲି । ମୋ ସ୍ୱାମୀଙ୍କ ଅସାବଧାନତାରୁ ନିଆଁ ଲାଗିଲା ଓ ସର୍ପ କାମୁଡ଼ାରେ ଗାଈ ବାଛୁରୀ ମଲେ ସତରେ ରୁକ୍ମିଣୀର କିଛି ଭୁଲ ନଥିଲା । ଆମେ ଗୋଟେ ନିର୍ଦ୍ଦୋଷକୁ ଦଣ୍ଡ ଦେଇଥିବାରୁ ଏପରି ହୀନସ୍ତା ହେଉଛୁ । ଆଉ ଭାବିଲେ କ'ଣ ହେବ ? ସେ ଅଭାଗିନୀ କ'ଣ ଆଉ ଫେରିବ ?

ଆଂଚଳିକ ମହାବିଦ୍ୟାଳୟ, କେନ୍ଦୁଝର



# ଦୁଃଖ

*- ଲୀଳାବତୀ ମହାପାତ୍ର*

ମାଁ ଶବ୍ଦଟିର ମଧୁରତା, ଆନ୍ତରିକତା, ଉଷ୍ଣତା ଏମିତି ଅବର୍ଣ୍ଣନୀୟ ଶବ୍ଦମାଳାରେ ଭୂଷିତ । ସଂସାର ରେ ମାଁ ଅତୁଳନୀୟ । ମାଁ ପରି ଆଉ କିଏ ବି ସ୍ନେହମୟୀ, ମମତାମୟୀ ହିତାକାଂକ୍ଷୀ ହୋଇପାରିବ ନାହିଁ । ମାଁ ସବୁ ସ୍ୱାର୍ଥର ଉର୍ଦ୍ଧ୍ୱରେ ରହି ତା'ର ସନ୍ତାନ ସନ୍ତତିକୁ ପାଳନ କରିଥାଏ ।

ସେହି ମାଁ ଆଜି ସ୍ତବ୍ଧ ହୋଇଯାଇଛି । ସନ୍ତାନମାନଙ୍କ ମଙ୍ଗଳ ମନାସୀ ଯେଉଁ ମାଁ ଘଂଟା ଧରି ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଥାଏ ଆଜି ସେ ଅପଲକ ନୟନରେ ସେହି ଠାକୁରଙ୍କୁ ଚାହିଁ ରହିଛି । ତା' ପାଟିରୁ କଥା ସ୍ଫୁରୁ ନାହିଁ । ଚକ୍ଷୁରୁ ଲୋତକ ବାହାରୁ ନାହିଁ ।

ଚର୍ତୁଦିଗରେ ବିକଳ କ୍ରନ୍ଦନଧ୍ୱନୀର ସ୍ୱର । କିଏ କାନ୍ଦି କାନ୍ଦି ଭୂଇଁ ଓଦା କରି ଦେଉଛି ତ ? କିଏ ହା ହା କରି ମୂର୍ଚ୍ଛା ହୋଇଯାଉଛି । କିନ୍ତୁ ମାଁ ଟି ସେହିପରି ସ୍ଥାଣୁ ପାଲଟି ଯାଇଛି । ନିଷ୍ପ୍ରଭ ଆଖି ଦିଓଟି ସମସ୍ତଙ୍କୁ ଚାହୁଁଛି କ'ଣ ଘଟିଲା । କାହିଁକି ଘଟିଲା । କିଏ ବା ତାକୁ ସାନ୍ତ୍ୱନା ଦେବ । କାହା ପାଟିରେ ଭାଷା ନାହିଁ ।

ଗଲା ଦୁଇବର୍ଷ ତଳେ ଆଶ୍ୱିନମାସ ଷଷ୍ଠିଦିନ ତାଙ୍କ ସ୍ୱାମୀ ଆରପାରିକୁ ଚାଲିଯାଇଥିଲେ । ସେତେବେଳେ ହେମଲତା ଦେବୀ ନିଜକୁ ନିଜେ ପ୍ରବୋଧନ ଦେଇ କହିଥିଲେ ବୟସ ହେଲା ଆଗ ପଛ ହୋଇ ଯିବା କଥା । ପିଲାଙ୍କ ପାଇଁ ତ ସବୁ ଦୁଃଖ କଷ୍ଟକୁ ଅମୃତ ପରି ଜୀବନ ସାର ପିଇଥିଲେ । ତାଙ୍କର ଏତେ ତ୍ୟାଗ, ଏତେ ବଳୀଦାନର ଫଳ ର ପୁରସ୍କାର କ'ଣ ଏୟା ? ଫଂଚସ୍ତୋରୀ ବର୍ଷ ବୟସରେ ସାତଦିନ ଅନ୍ତରରେ ଦୁଇଦୁଇଟି ଭେଣ୍ଡାପୁଅକୁ ଭଗବାନ ତାଙ୍କ ଠାରୁ ଛଡ଼େଇ ନେଇଗଲେ ।

ଘରର ବଡ଼ଝିଅ ଥିଲେ ହେମଲତା । ଯୌବନର ପ୍ରଥମ ସ୍ପର୍ଶରେ ମାତ୍ର ପନ୍ଦର ବର୍ଷ ବୟସରେ ତାଙ୍କ ପିତା ବିବାହ ବନ୍ଧନରେ ବାନ୍ଧି ଦେଇଥିଲେ । ମାତ୍ର ଷୋହଳବର୍ଷ ବୟସରେ ସେ ଏକ କନ୍ୟାସନ୍ତାନର ଜନନୀ ହୋଇଗଲେ । ସମୟକ୍ରମେ ସେ ତିନି ପୁତ୍ର ଓ ତିନି କନ୍ୟାନର ଜନନୀ ହୋଇ ଗଲେ । ସ୍ୱାମୀ କେନ୍ଦ୍ର ସରକାରଙ୍କ ଅଧୀନର କାର୍ଯ୍ୟ କରୁଥିଲେ । ଅତ୍ୟଧିକ ସ୍ୱାଭିମାନୀ ହେତୁ ଉପର ଅଫିସର ଙ୍କ ସହିତ ସାମାନ୍ୟ ବଚସା ହେବାରୁ ସେ ଇସ୍ତଫା ଦେଇ ଘରକୁ ଚାଲି ଆସିଥିଲେ । ଜଣେ ଜ୍ଞାନୀ ଲୋକ ହିସାରେ ତାଙ୍କ ସ୍ୱାମୀ ଲୋକନାଥ ମହାପାତ୍ର ଙ୍କ ଅନେକ ଖ୍ୟାତି ଥିଲା । ତେଣୁ ଗାଁ ଗହଳରେ ଥିବା ଘରୋଇ ହାଇସ୍କୁଲର ପ୍ରଧାନ ଶିକ୍ଷକଭାବେ ଗ୍ରାମବାସୀ ମାନେ ତାଙ୍କୁ ଅବସ୍ଥାପିତ କରନ୍ତି । ଲୋକନାଥ ବାବୁ ଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ସେ କାର୍ଯ୍ୟରତ ସମସ୍ତ ବିଦ୍ୟାଳୟ ଉନ୍ନତୀର ଶିଖର ଦେଶରେ ପହଂଚେ । ସରକାରୀ ବିଦ୍ୟାଳୟ ରୂପେ ମାନ୍ୟତା ପାଇବା ପରେ ସେ ବିଦ୍ୟାଳୟରୁ ସ୍ୱ ଇଛାରେ ବାହାରି ଆସନ୍ତି ।

ପରିବାରର ରୋଜଗାର ଦିଗ ପ୍ରାୟ ଶୂନ । ଛଅ ଛଅଟି ପିଲାଙ୍କୁ ଖାଇବା ପିନ୍ଧିବା ଦେବା ଠାରୁ, ପାଠ ପଢ଼ାଇବା ପର୍ଯ୍ୟନ୍ତ ସମସ୍ତ ହେମଲତା ବୁଝୁଥିଲେ । ବଡ଼ ଘରର ଝିଅ ଥିଲେ ହେମଲତା କିନ୍ତୁ ସେ ଥିଲେ ହତଭାଗିନୀ । ବିବାହବାସୀ ଠାରୁ ସତେ ଯେପରି ଦୁର୍ଭାଗ୍ୟ ତାଙ୍କୁ ଗୋଡ଼ାଉଛି ଯେ ଏ ପର୍ଯ୍ୟନ୍ତ ତାଙ୍କ ପିଛା ଛାଡୁନି ।

ବଡ଼ପୁଅ ବିଜୟା ଦଶମୀ ରାତିରେ ସ୍ନାନାଗାରରେ ପଡ଼ି ମୃତ୍ୟୁ ବରଣ କରିଥିଲେ । ସକାଳ ପ୍ରାୟ ନଅଟା ବେଳକୁ ହେମଲତା ବଡ଼ପୁଅ ସିଦ୍ଧାର୍ଥକୁ ଖୋଜିଥିଲେ । ସବା ସାନପୁଅ ଶ୍ରୀକାନ୍ତ ସ୍ନାନାଗାର ର କବାଟ ବାଡ଼େଇ ବାଡ଼େଇ ଖୁବ୍ ଜୋର ପାଟିରେ ବଡ଼ଭାଇକୁ ଡାକିଥିଲେ । ଭିତର ପଟରୁ କବାଟ ବନ୍ଦ । କୌଣସି ଉତର ନପାଇ ଘରର ସମସ୍ତେ ବ୍ୟସ୍ତ ହୋଇ ପଡ଼ିଲେ । ଶେଷରେ କବାଟ ଭଙ୍ଗା ହେଲା । ସିଦ୍ଧାର୍ଥଙ୍କ ଶରୀର ତଳେ ଲୋଟୁଛି, ମୁଣ୍ଡରେ ବଡ଼ ଆବୁଟାଏ ହୋଇଛି । ମୁଣ୍ଡ ବାଡ଼େଇ ହୋଇ ପ୍ରାଣବାୟୁ ଚାଲିଯାଉଛି ।

ହେମଲତାଙ୍କୁ ଚତୁର୍ଦିଗ ଅନ୍ଧକାର ଦେଖାଗଲା । ଯେଉଁ ଛୁଆଟିକୁ କୋଳେଇ, କାଖେଇ ମଣିଷ କରିଥିଲେ । ବାରଦୁଆର ବୁଲି ପାଠପଢ଼ାଇ ମଣିଷ କରିଥିଲେ । ଭାବିଥିଲେ ପରିଣତି ବୟସରେ ପୁତ୍ରପାଖରେ ରହି ସୁଖରେ

ଜୀବନ ବିତାଇବେ । ଆଜି ତାଙ୍କରି ଆଗରେ ତାଙ୍କ ପୁଅ ଚାଲିଗଲା । ଭୋ ଭୋ ହୋଇ କାନ୍ଦି ଉଠିଲେ ହେମଲତା । ସିଦ୍ଧାର୍ଥ ଙ୍କ ଗୁଣ ବାହୁନି ବାହୁନି ଆଖିରେ ଲୁହ ଭର୍ତି ହୋଇଯାଉଥାଏ । ପାଗଳୀଙ୍କ ପରି ସମସ୍ତଙ୍କୁ କହୁଥାନ୍ତି ବୁଝିଲେ ପିତାମାତାଙ୍କ ଆଗରେ ସନ୍ତାନର ମୃତ୍ୟୁ ବହୁତ ଯନ୍ତ୍ରଣାଦାୟକ । ସେ ମହାପାପୀ ।

ସେ ତ ସବୁଦିନ ଭୋର ଚାରିଟାରୁ ଉଠି ମନ୍ଦିରକୁ ଯାଆନ୍ତି । ପିଲାଙ୍କ ମଙ୍ଗଳ ମନାସୀ ଘରକୁ ଫେରନ୍ତି । ଶାଶୁ, ଯାଆ, ନଣନ୍ଦ ଙ୍କୁ କିଛି କହିପାରନ୍ତି ନାହିଁ । ଯାହାର ସ୍ୱାମୀର ଆର୍ଥିକ ସ୍ଥିତି ଭଲ ନଥାଏ ସେ ଘରର ସମସ୍ତ ସଦସ୍ୟ ତାକୁ ହୀନ ଦୃଷ୍ଟିରେ ଦେଖନ୍ତି । ହେମଲତାଙ୍କ ଭାଗ୍ୟରେ ମଧ ତାହା ଘଟିଥିଲା । ନିଜ କର୍ମକୁ ଆଦରି ହେମଲତା ସବୁ କାର୍ଯ୍ୟ ନୀରବରେ କରିଯାଆନ୍ତି ।

ହେମଲତାଙ୍କ ଦୁଃଖ ଏତିକିରେ ସରି ନଥିଲା । ବିଜୟା ଦଶମୀର ଠିକ୍ ସାତଦିନ ପରେ ହଠାତ୍ ସାନ ପୁଅ ଶ୍ରୀକାନ୍ତର ମୃତ୍ୟୁ ଘଟିଲା । ତାଙ୍କ ସମ୍ମୁଖରେ ତାଙ୍କ ଅତି ଆଦରର ଗେହ୍ଲା ପୁତ୍ର ଶ୍ରୀକାନ୍ତର ମୃତ ଶରୀର ନିଶ୍ଚଳ ହୋଇ ପଡ଼ିଛି । ହେମଲତା ସ୍ଥାଣୁ ତଟ ହୋଇ ତା ପାଖରେ ବସିଛନ୍ତି । ବେଳେବେଳେ ତାକୁ ହଲାଉଛନ୍ତି ।

ଏ ମାଁ ର ଦୁଃଖ କିଏ ବା ସହିପାରିବ ? ଗଛପତ୍ର କାନ୍ଦି ଉଠୁଥାନ୍ତି । କାହାରି ମୁହଁରେ ଭାଷା ନାହିଁ । କେତେଜଣ ପୁରୁଖା ଲୋକ ହେମଲତାଙ୍କୁ କନ୍ଦାଇବା ପାଇଁ କହିଲେ । ଏକଥା ଶୁଣି ସାନଝିଅ କାନ୍ଦି କାନ୍ଦି ଯାଇ ହେମଲତାଙ୍କୁ ଜାବୁଡ଼ି ଧରିଲା । କଇଁ କଇଁ ହୋଇ କହିଲା ବୋଉ ଲୋ ତୋ ଗେହ୍ଲାପୁଅ ବାବୁ (ଶ୍ରୀକାନ୍ତର ଡାକନାମ) ଆଜି ତୋତେ ଛାଡ଼ି ବହୁ ଦୂରକୁ ଚାଲିଯାଇଛି । ତୁ କେତେ କଷ୍ଟରେ ତାକୁ ମଣିଷ କରିଥିଲୁ । ଆମ ଛଅଭଉଣୀଙ୍କ ଠାରୁ ସେ ସୁନ୍ଦର ଥିଲା । ତାକୁ ଆଦରରେ ସମେସ୍ତ କୁନ୍‌ମୁନ୍ ବୋଲି ଡାକୁଥିଲେ ।

ପିଲାଦିନେ କ୍ଷୀର ଅଭାବରୁ ତୁ ତାକୁ ଶାଗୁ, ବାର୍ଲି ପାଣି ଦେଉଥିଲୁ । ତଥାପି ସେ ରାଜା ପିଲା ପରି ଦେଖା ଯାଉଥିଲା । ମେଟ୍ରିକ୍ ପରୀକ୍ଷାରେ ଫର୍ମଫିଲପ କରିବା ପାଇଁ ତୋ ପାଖରେ ପଇସା ନଥିଲା । ତୁ କେତେ ଲୋକଙ୍କ ବାରଣ୍ଡା ନ ମାଡ଼ିଛୁ ? ସବୁ ଦୁଃଖ କଷ୍ଟ ସମସ୍ତଙ୍କ ଲାଞ୍ଛନା ସହି ଆମ ସମସ୍ତିଙ୍କୁ ମଣିଷ କରିଛୁ ।

ବୋଉ ଦେଖ ! ତୋ ପୁଅକୁ ନେଇଯିବେ ବୋଲି କୋକେଇ ବନ୍ଧା ହେଲାଣି । ଯେଉଁ ପୁଅକୁ ଖଟ ଦେଇ ତୁ ଶୀତ, କାକର ସହି ତଳେ ଶୋଉଥିଲୁ ଆଜି ତାକୁ ଛଅଖଣ୍ଡ ବାଉଁଶ ବାଡ଼ିରେ ଶୋଇଦେବେ । ଆଉ କିଛି ସମୟ ପରେ ତୋ ଗେହ୍ଲା ପୁଅ ଦେହରେ ନିଆଁ ଲଗାଇଦେବେ । ସେ ପୋଡ଼ି ପାଉଁଶ ହୋଇଯିବ । ବୋଉ ତୁ ଏହା ଦେଖିପାରିବ ?

'ନା' ଖୁବ୍ ଜୋରରେ ଶବ୍ଦଟିଏ କରି ହେମଲତା କଇଁ କଇଁ କାନ୍ଦି ଉଠିଲେ ।

- ସତ୍‌ସଙ୍ଗ ଏରିଆ, ରାଉରକେଲା

# ଦାନ ମାଝିର କାନ୍ଧରେ ବିକ୍ରମ ବେତାଳ

- ନିଶିକାନ୍ତ ପାଢୀ

ବାଟ ତ ସରୁ ନ ଥିଲା । ଦାନ ମାଝିଟା ସେମିତି ଚାଲୁଥିଲା । ଦିନପରେ ଦିନ ରାତି ପରେ ରାତି କେମିତି କେଜାଣି ସମୟର ଶଗଡରେ ଗଡିଚାଲିଥିଲା । ଖରା, ବର୍ଷା, ଶୀତ, କାକର ଲୋକଟାକୁ କିଛି ବି ଜଣାପଡୁ ନ ଥିଲା ।

"ହେ ! ଦାନ ମାଝି ....... ଜୀବନ ଯୁଦ୍ଧରେ ଏମିତି ପଳାତକ ସୈନିକଟିଏ ସାଜି ନିଜ ସ୍ତ୍ରୀର ଶବଟାକୁ ନିଜ କାନ୍ଧରେ ବୋହି କୁଆଡେ ଯାଉଛୁ । କୁଆଡେ ଗଲେ ତୋ ଦେଶ ସମାଜ, ପରିବାର ଭାଇବନ୍ଧୁ କୁଟୁମ୍ବ !!!!"

ବିକ୍ରମ ବେତାଳର ଏ ଜବରଦସ୍ତ ପ୍ରଶ୍ନଟାରେ ଚମକି ପଡିଲା ଦାନ । ପଛକୁ ଚାହିଁଲା । ବିଚାରୀ ମାତୃହରା ଝିଅଟା ଛଡା ଆଉ କେହି ନାହାଁନ୍ତି । ଅଶ୍ରୁ ଛଳ ଛଳ ମୁହଁରେ ଝିଅ ପଚାରିଲା । "ଏ ବାପ, କନ୍ ଘଟିବାର, ମା'କୁ କୁଆଡେ ନେଇ ଯିବାର । ବାଟ ଆଉ କେତେ ଅଛି ସରିବାର୍ ।"

ଝିଅଟା ମୁହଁରେ ଏତେ ପଶ୍ନ !!!! ଅବଶ୍ୟ ବୋଧ କରାଇ ହେବ ଏ ଝିଅଟାକୁ । ହେଲେ ଏ ବିକ୍ରମ ବେତାଳଟା – ବେଳ ନାହିଁ କାଳ ନାହିଁ ପ୍ରଶ୍ନବାଣରେ ଆକ୍ରାନ୍ତ କରି ପକାଉଛି ଏ ମଣିଷଟାକୁ ହେ । ଆଘାତ ଦେଉଛି ଗୋଟେ ବିବେକ ବୋଧକୁ । ଆନ୍ତାମାନ୍ତା କରି ପକାଉଛି ଗୋଟିଏ ଜୀବନଟାକୁ ସତେ ।

ଏଇ ପୁଣି ବିକ୍ରମ ବେତାଳର ପ୍ରଶ୍ନ ।

"ଦାନ ଭାଇ' ବିପଦ ସମୟରେ କେତେ ଲୋକଙ୍କ ପାଖରେ ତୁ ଛିଡା ହୋଇଛୁ । ପୋଖତି, ବେମାରୀ, ଝିଅ ବୋହୁ ଓ ରୋଗୀ ଭୋଗୀମାନଙ୍କୁ ଡଙ୍ଗାରେ ବସାଇ କେତେଥର ତୁ ଏ ଘାଟ ସେ ଘାଟ ହୋଇଛୁ । ସ୍ତ୍ରୀ ଅମାଙ୍ଗ ମାଇପି ଲୋକଟିଏ ହୋଇ ବି ତୋତେ ସାହା ହୋଇଛି, ଭରସା ଦେଇଛି । ପର ଦୁଃଖରେ ନିଜକୁ ସାମିଲ୍ କରିଛି । ତୋ ହାତରୁ ଛଡାଇ ନେଇ ଡଙ୍ଗାରେ କାତ ମାରିଛି, ଆହୁଲା ବୁଲାଇଛି । ହେଲେ ଆଜି ସେ କଣ ପାଇଛି ..... ତୁ କଣ ପାଇଛୁ । କିଛି ନାହିଁ - ଫୁସ୍ .... ଠକି ଯାଇଛୁ .... ଠକି ଯାଇଛୁ ..... ହାଃ ହାଃ ହାଃ .....

ବିକ୍ରମ ବେତାଳର ଅଟ୍ଟହାସ୍ୟରେ ଖୁବ୍ ବିଚଳିତ ହୋଇପଡିଲା ଦାନମାଝି । ଦଲକାଏ ପବନ ଦେହରେ ବାଜିଲା । ବରଗଛର ଡାଳଟା ଦୋହଲି ଗଲା । ବୋଧେ ବେତାଳଟା ଡେଇଁପଡିଲା ନା କଣ କାନ୍ଧରୁ ଗଛଡାଳକୁ । ଦାନକୁ ଟିକେ ଭାରି ହାଲୁକା ଲାଗିଲା । ବରଗଛ ତଳ ଛାଇରେ ଦାନ ଛିଡା ହୋଇଥିଲା । ନଦୀଘାଟ, ଡଙ୍ଗା, କାତ, ଆହୁଲା, ସ୍ତ୍ରୀ ଅମାଙ୍ଗ ..... ବେତାଳର ଶବ୍ଦଗୁଡିକ କର୍ଣ୍ଣରେ ପ୍ରତିଧ୍ୱନୀ ସୃଷ୍ଟିକରୁଥିଲା । ତାରି ଭିତରେ ଝାପସା ଝାପସା ହୋଇ ଦେଖାଯାଉଥିଲା ଅତୀତଟା । ମନେପଡିଯାଉଥିଲା ଗୋଟିଏ ଜୀବନ ଯାତ୍ରାର ଜଳଛବି ।

ଦାନମାଝି ଯେତେବେଳେ ଟିର୍ଲା ଅମାଙ୍ଗର ହାତଧରିଲା ଚାରିପାଖର ପୃଥିବୀଟା ତାକୁ କେମିତି ଗୋଟେ ନୂଆ ନୂଆ ଲାଗିଲା । କୋରେଇଫୁଲରେ ଗଭାକୁ ସଜେଇ ଅମାଙ୍ଗ ଛାତି ଭିତରର ଭୂମିକମ୍ପକୁ ଶୁଣାଉଥିଲା ଦାନକୁ । ଯୌତୁକ ବାବଦକୁ ଖଣ୍ଡେ ବିଲ, ପଟେ ବଳଦ, ଗୋଟେ ସଳପ ଗଛ ଦେଇ ଝିଅଟାକୁ ବାପା ବିଦା କରିଥିଲା । ଛିଣ୍ଡା ମଶିଣା ଆଉ ଝାଟିମାଟି ନଡା ଓ ଖପରାର ଘରଟା ଭିତରେ କଟିଥିଲା ବାସର ରାତି । ସାରା ରାତିଟାକୁ ବିଭୋର କରୁଥିଲା କୋରେଇଫୁଲର ମାଦକତା । ଅମାଙ୍ଗରଫୁଲୁଫୁଲିଆ ଯୌବନଭରା ଦେହଟା ଭିତରେ ଏତେ ଯେ ଆନନ୍ଦ ଖୁନ୍ଦି ହୋଇଥିଲା ତାହା କେବେ ହାଣ୍ଡିଆ କି ମହୁଲରୁ ମିଳି ପାରିନଥିଲା ଦାନକୁ । ସେତିକି ତ ଗୋଟେ ପୁରୁଷ ପାଇଁ ଯଥେଷ୍ଟ ଥିଲା । ଆଉ ଅବଶ୍ୟ କିଛି ମାଗି ନ ଥିଲେ ବି ଅମାଙ୍ଗ ତିନୋଟି ଝିଅ କଣ୍ଢେଇ ଭେଟି ଦେଇଥିଲା ଦାନକୁ ।

ନଈଟା ଭିତରେ ଦାନ ଖୋଜୁଥିଲା ଜୀବନକୁ । ଖରା, ବର୍ଷା, ଦିନରାତି, ବେଳ ଅବେଳ ଘାଟଟାକୁ ଜଗିରହୁଥିଲା ଦାନ । ଜାତି, ଧର୍ମ ବର୍ଣ୍ଣର ଅର୍ଥ କଣ ସେ ଜାଣି ନ ଥିଲା । ଉଚ୍ଚନୀଚ, ଧନୀ ଗରୀବ, ଛୁଆଁ ଅଛୁଆଁ ସମସ୍ତଙ୍କ ହାତଧରି ସେ ଉଠାଇ ନେଉଥିଲା ଡଙ୍ଗା ଉପରକୁ । ବଢିଲା ନଈର ଛାତିଟା ଉପରେ ଦାନ ଡଙ୍ଗା ବାହି ଲୋକମାନଙ୍କୁ

ଏ ଘାଟ ସେ ଘାଟ କରାଉଥିଲା । ରାତି ଅଧରେ ବି ଯଦି କେହି ଆରପାରିରୁ ବିପଦ ସମୟରେ ଡାକ ପକାଉଥିଲା ଅମାଙ୍ଗ ଦାନକୁ ବୋଧ ଦେଇ ପଠାଉଥିଲା । "ରାମ ଲଇଖନ ହେ ଗଲେ ବନେ ମୃଗ ମାରି" ଗୀତ ଗାଇ, କୁହାଟ ଦେଇ କାତମାରି ଦାନ ଆରପାରିରେ ପହଞ୍ଚ ଯାଉଥିଲା । ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିଲେ ଅମାଙ୍ଗ, ଭାତ, ଶାଗ, ଆଳୁ ଚକଡା, ଡାଲି, ବଡିଚୁରା, ସଜନା ଆଉ ମାଛ ରାଇ ଧରି, ପାଣି ଲୁଣ ଓ ଲଙ୍କା ସହିତ ପହଞ୍ଚ ଯାଉଥିଲା ଘାଟରେ । ଏଇ ଘାଟରେ ଦାନ କେତେ ଅଫିସର, ଡାକ୍ତର, ରୋଗୀ, ନୂଆବୋହୁ ଏମିତି କି ମଲା ମଣିଷର ଶବକୁ ବି ପାରି କରାଇଛି । ମଣିଷମାନଙ୍କର ସେବା ପାଇଁ ଅମାଙ୍ଗ ଆଖିରୁ ଅନେକ ଥର ଅଶ୍ରୁର ବନ୍ୟା ବହିଯାଇଛି । ତଳ ପାହାଚର ମଣିଷ ହେଲେ ବି ସେମାନଙ୍କର ପୃଥିବୀ ଭିନ୍ନ ଏକ ପୃଥିବୀ । ସେଠି ନାହିଁ ଧନ କି ପ୍ରାଚୁର୍ଯ୍ୟର କୁବେର ଭଣ୍ଡାର । ନାହିଁ ପଦ ପଦବୀର ସ୍ୱର୍ଣ୍ଣ ସିଂହାସନ କି ନାହିଁ ବିଳାସ ବ୍ୟସନର ଚାକଚକ୍ୟ ଜୀବନ । ସେଠି ଅଛି ଖାଲି ମୁଠା ମୁଠା ସ୍ନେହ, ମମତା ଆଉ ଦରଦ । ବେଳେ ବେଳେ ଲୋକମାନଙ୍କ ମଧ୍ୟରେ କଥାବା ର୍ତ୍ତା ଶୁଣାଯାଏ ।

ଧନ୍ୟ ଦାନ ମାଝି, ସାନ ସିନା ଦାନ । ସେବା ତା ମହାନ୍ ।

ଦାନ ଆଉ ଅମାଙ୍ଗ ସ୍ନେହ, ପ୍ରେମ ଆଉ ଭଲ ପାଇବାର ହୃଦୟ ଥିବା ନିରୀହ ମଣିଷ ଦୁଇଟି । ସମୟଟା ବଦଳିଗଲା । ସରକାର ନଈର ଛାତି ଉପରେ ଲୁହା କଂକ୍ରିଟର ବ୍ରିଜ୍ ଛିଡା କରାଇଲେ । ଘାଟଟା ଶୂନ୍‌ଶାନ, ନୀରବ ବେଳାଭୂମିଟାଏ ପାଲଟିଗଲା । ଦାନର ଜୀବନ ଜୀବିକାରେ ବାଧା ଓ ପ୍ରତିବନ୍ଧକମାନ ସବୁ ଆସିଲା । ଅମାଙ୍ଗ ପ୍ରତିଦିନ ସକାଳ ଓ ସଞ୍ଜରେ ଯାଇ ଘାଟରେ ଡଙ୍ଗାର ମଙ୍ଗରେ ସିନ୍ଦୁର ଓ ଫୁଲଦେଇ ପୂଜା କରିବାକୁ ଲାଗିଲା ସିନା ଶେଷରେ ଡଙ୍ଗାଟା ପଡି ପଡି ଖିଅ ହୋଇଗଲା । ଅମାଙ୍ଗ ଦିନରାତି ଜୀବନ ଜୀବିକା ପାଇଁ ଚିନ୍ତାକଲା । ଦେହରେ ରୋଗଟା ପଶିଗଲା ।

ଅମାଙ୍ଗ ଏବେ ଅସୁସ୍ଥ । ଖିଣ୍ଡି କାଶରେ ତ ଶ୍ୱାସ ଛିଣ୍ଡି ପଡୁଛି । କ'ରେ ବେଳେ ବେଳେ ରକ୍ତ ପଡୁଛି । ଛାତି ଭିତରଟା 'ାଟିଗଲା ପରି ମନେହେଉଛି । ମୁଣ୍ଡଟା କେମିତି କେମିତି ବୁଲେଇ ଦେଉଛି । ବଡଝିଅ ମୁଣ୍ଡ ଆଉଁସି ଦେଉଛି । ସାନଝିଅ ଦୁଇଟି ମା' ମା' ଡାକି ରାହା ଧରି କାନ୍ଦୁଛନ୍ତି । ଦାନ ଯାଇଛି ବନ୍ଧତଳ ଗାଁ ଭିତରକୁ । କେଉଁଠୁ କେମିତି ଟଙ୍କା ପଇସା ଯୋଗାଡ କଲେ ଅମାଙ୍ଗ ମେଡିକାଲ୍ ଯିବ । ଦେହ ଦେଖାଇବ । ଔଷଧ ଆଣିବ ।

ଗହଳ ଚହଳ ମେଡିକାଲ୍ ପରିସର । ସବୁ ଚିହ୍ନା ଚିହ୍ନା ମୁହଁ, ଏପଟ ସେପଟ ହେଉଛନ୍ତି । ଡାକ୍ତର, କମ୍ପାଉଣ୍ଡର, ରୋଗୀ, ନର୍ସ, ପିଅନ, ସାଧାରଣ ମଣିଷ ଏ ସମସ୍ତଙ୍କୁ ଅତୀତରେ ସେ କେତେଥର ଡଙ୍ଗାରେ ବସାଇ ନଦୀ ପାର କରାଇଛି । କିଏ ଘାଟ ପାଉଣା ଦେଇଛି ତ କିଏ ଦେଇପାରିନି, ତାର ହିସାବ କେବେ ଦାନ ରଖିନାହିଁ । ହେଲେ ଆଜି କେହି ବି ତାକୁ ଟିକିଏ ଆଡ ଆଖିରେ ଚାହୁଁ ନାହାଁନ୍ତି । କେହି ବି ପଦୁଟିଏ କଥା ହେଉନାହାଁନ୍ତି । ଡାକ୍ତର ବାବୁ, ଯାହାର ଗାଡିକୁ କାନ୍ଧରେ ନେଇ, ଡଙ୍ଗାରେ ଧୋଇ ଅନେକ ଥର ନଈପାର କରାଇଛି । ସେ ବି ଟିକିଏ ପଚାରିଲେ ନି 'ଦାନ', କଣ ଖବର, କେମିତି ଅଛୁ ? ଅମା ତୋର କେମିତି ଅଛି, କେମିତି ଚଳୁଛୁ ? ଖାଲି କାଗଜ ଉପରେ ଦି' ଧାଡି ଗାରେଇ ଦେଇ ୱାର୍ଡକୁ ପଠାଇଦେଲେ ।

ଦାନମାଝିର ଚାରିପଟେ ଏବେ ମୁହଁ ମାନଙ୍କର ଭିଡ । କିଏ କମିଶନ ପାଇଁ ଠିକଣା ବତେଇ ଦେଉଛି ରକ୍ତ ପରୀକ୍ଷା ପାଇଁ । କିଏ କାଗଜରେ ଲେଖି ପକାଉଛି ଔଷଧ ଦୋକାନର ନାଁ । କିଏ ଡାକ୍ତରଙ୍କର ଚାମଚା ସାଜି ପରାମର୍ଶ ଦେଉଛି ସେହି ନିର୍ଦ୍ଦିଷ୍ଟ ଡାକ୍ତରଙ୍କ ପାଖକୁ ଯିବା ପାଇଁ । ଏତେ ଆନ୍ତରିକତା ଏତେ ଦରଦ ପଛର ରହସ୍ୟକୁ ଦାନ ବୁଝିପାରୁନି କିଛି ଏସବୁ ।

ଭୋର୍ ହୋଇଆସିଲାଣି । ଅମାଙ୍ଗଟା କେତେବେଳୁ ଚାଲିଗଲାଣି ଆର ପାରିକୁ । ଦାନ ମୁଣ୍ଡରେ ହାତଦେଇ ବସିଛି । ଡାକିଲେ ମା ଓ କରୁନି । ହଲଚଲ ହେଉନି । କାନ୍ଦି କାନ୍ଦି କୋହରେ ଅଣନିଃଶ୍ୱାସୀ ହୋଇପଡୁଛି ଝିଅଟା । ୱାର୍ଡ କର୍ମଚାରୀଙ୍କର ନାଲିଆଖିର ଧମକ ୱାର୍ଡରୁ ଶବକୁ ଖାଲି କରିବା ପାଇଁ । ସରକାରୀ ଅଧିକାରୀ ତଦାରଖ କରିବାକୁ ଆସିଲେ । ମୁଣ୍ଡରୁ ଦୋଷ ଛଡାଇବା ପାଇଁ କହିଲେ –

"ହଇ ହୋ କି ଭଳିଆ ଲୋକ ତୁମେ । ରୋଗଟା ତାର କେତେବର୍ଷ ତଳୁ ହେଲାଣି । ଅବହେଳା କଲ । ନିଜ ସ୍ତ୍ରୀଟାକୁ ନିଜେ ମାରିଦେଲ ।"

ରକ୍ତରେ ନିଆଁ ଲାଗିଗଲା ଦାନର । ସ୍ତ୍ରୀର ମଡାଟାକୁ ଦାନ ଲୁଗାରେ ଗୁଡାଇଲା । ଉପରେ ବେଡସିଟ୍ ଘୋଡାଇଲା । କନା ବୁଜୁଳାର ବ୍ୟାଗଟାକୁ ଝିଅଟାର ହାତକୁ ବଢାଇଦେଇ ଦାନ ସ୍ତ୍ରୀର ଶବକୁ ଉଠାଇଲା ନିଜ କାନ୍ଧ ଉପରକୁ ।

ଏବେ ସମାଜର ରାଜରାସ୍ତାରେ ଦାନ ମାଝି । ପାଦ ପରେ ପାଦ ପକାଇ ସ୍ତ୍ରୀର ଶବକୁ କାନ୍ଧରେ ଧରି ଦାନ ମାଝି ଚାଲିଛି ଆଜି ସମୟର ବଡଦାଣ୍ଡରେ । ସମାଜର ଶିକ୍ଷିତ ଓ ସଭ୍ୟ ମଣିଷମାନେ ସବୁ ଦେଖୁଛନ୍ତି, 'ଟୋ ଉଠାଉଛନ୍ତି, ଚର୍ଚ୍ଚା କରୁଛନ୍ତି । ରାଜନୀତି ହେଉଛି ହେଲେ କାହାର ମଣିଷ ପଣିଆ ଜାଗିଉଠୁନି । କେହି ଟିକେ ଆହା ଚୁ ଚୁ କରି ସାମିଲ ହୋଇପାରୁ ନାହାଁନ୍ତି ମଣିଷର ଦୁଃଖରେ । ମାନବିକ ମୂଲ୍ୟବୋଧର ମହାସମାଧି ଉପରେ ଦାନ ଆଜି ମୋହରା ସାଜିଛି ରାଜନେତାଙ୍କର । ମିଡିଆ ଘଟଣାକୁ ଲୋକଲୋଚନକୁ ଆଣିବା ପରେ ଅଷ୍ଟମୀ ବନ୍ଧୁ ପରି ରାଜନେତାଙ୍କର ସୁଅ ଛୁଟିଛି ଦାନପାଖକୁ । ବିଭିନ୍ନ ସଭା ସମିତିରେ ଦାନ ବେକରେ 'ୁଲମାଳ ପକାଇ ବସାଇ ନେତାମାନେ ଆଗାମୀ ନିର୍ବାଚନରେ ଇସ୍ତାହାର ଶୁଣାଇବା ବେଳେ ବିଚରା ଦାନମାଝି ନିଜ ସ୍ତ୍ରୀର ଶୁଦ୍ଧିକ୍ରିୟା କର୍ମ କରିବାକୁ ସମୟ ପାଇ ପାରିନାହିଁ । ଦାନମାଝିର କଥା ଆଜି ସାରାବିଶ୍ୱ ଜାଣିଗଲାଣି । ଦାନ ଆଜି ମୁକ୍ତ ଆକାଶର ବିହଙ୍ଗଟିଏ ସାଜି ଉଡୁଛି ଖୋଲା ଆକାଶରେ । ଦେହରେ ସେ ଲୁଙ୍ଗି, କୁ ର୍ତ୍ତା ଆଉ ନାହିଁ । ଅ ଣ୍ଟା ତଳକୁ ଆଣ୍ଠୁପାଏ ଚେକ୍‌ର ବରମୁଡା ପ୍ୟାଣ୍ଟ ଆଉ ଅ ଣ୍ଟା ଉପରୁ ବେକ ଯାଏ ବଟମ ଲଗା ଚେକ୍ ସାର୍ଟ । ଦାନ ଆଜି ପୃଥିବୀର ବ୍ୟସ୍ତ ମଣିଷଟିଏ । ଆଜି ଦିଲ୍ଲୀ ଏୟାର୍‌ପୋର୍ଟରେ ତ କାଲି ଭୁବନେଶ୍ୱରର ବିମାନ ବନ୍ଦରରେ । କେତେବେଳେ ଦାନ ଯାଇ ମାରିଲାଣି ବିଦେଶରେ । ଦାନ ଉଡୁଛି ଆକାଶରୁ ଆକାଶକୁ ସିନା ବିଚରା ବିକ୍ରମ ବେତାଳଟା ଅଣନିଃଶ୍ୱାସୀ ହୋଇପଡୁଛି ଦାନର କାନ୍ଧରେ । ପ୍ରତି ମୁହୂ ର୍ତ୍ତରେ ଆଜି ବିଶ୍ୱର କୋଣ ଅନୁକୋଣରୁ ଦାନ ପାଖକୁ ଛୁଟିବାରେ ଲାଗିଛି ସାହାଯ୍ୟ, ସହାନୁଭୂତି, ଦାନ ଓ ଅନୁଦାନର ସୁଅ । ତଥାପି ଦାନ ବୁଝିପାରୁନି ମଣିଷମାନଙ୍କୁ । ଅପେକ୍ଷା କରିଛି ଗୋଟିଏ ମଣିଷ ପଣିଆକୁ । ଭାବୁଛି ଏତେବଡ ପୃଥିବୀଟାରେ ଅମାଙ୍ଗଟା ସତେ ଥିଲା ନିଜର ଖୁବ୍ ନିଜର ଖୁବ୍ ଆପଣାର, ରକ୍ତର, ମନ ଆଉ ହୃଦୟର । ଆଉ ଥରେ ଅମାଙ୍ଗ ଜନ୍ମ ନିଅନ୍ତାନି ଏ ପୃଥିବୀରେ ।

ହେଲେ ସମୟ ନାହିଁ ଅଧିକ ଆଉକିଛି ଭାବିବାକୁ । ବିକ୍ରମ ବେତାଳଟା ବାରମ୍ବାର କାନ୍ଧରେ ସବାର ହୋଇ ପ୍ରଶ୍ନକରୁଛି –

ଦାନ ଭାଇ ତୋ ସ୍ତ୍ରୀ ଅମାଙ୍ଗ ମରିଗଲା ପରେ ଏମିତି ସବୁକିଛି କାହିଁକି ବଦଳି ଯାଉଛି !! କାହିଁକି ମଣିଷମାନଙ୍କର ଏ ନକଲି ଦରଦ ସବୁ ଅଜାଡି ହୋଇପଡୁଛି ତୋ ଉପରେ !! କାହିଁକି ଟଙ୍କାର ସୁଅ ଛୁଟୁଛି ତୋ ପାଖକୁ !! କଣ ହେବ ତୋର ଏସବୁ ?? କାଲି ସକାଳେ ତୋର ବି ସେର ପୁରିବ, କିଏ ତୋତେ କାନ୍ଧରେ ନେବ ତୁ କେବେ ଏବେଠାରୁ ଚିନ୍ତାକରିଛୁ ???

ଦାନ ମାଝି କିଛି ଚିନ୍ତା କରିପାରୁ ନ ଥିଲା । ଜଣେ ବିଶିଷ୍ଟ ସମାଜସେବୀ ଝିଅମାନଙ୍କୁ ନିଜର ଶିକ୍ଷାନୁଷ୍ଠାନରେ ବିନା ଅର୍ଥରେ ପଢାଇବା ତଥା ମଣିଷ କରାଇବାର ଦୃଢ ପ୍ରତିଶୃତି ଦେଇ ଝିଅମାନଙ୍କୁ ନେଇ ନିଜ କାରରେ ବସାଇବା ବେଳେ ଦାନ ଖାଲି ବଲ ବଲ କରି ଚାହୁଁଥିଲା ଝିଅମାନଙ୍କର ମୁହଁକୁ । ଅମାଙ୍ଗର ଆତ୍ମାଟା ସତରେ କଣ ଶାନ୍ତିପାଇ ପାରିଥିଲା । ପ୍ରଶ୍ନଟା ଆନ୍ଦୋଳିତ କରି ପକାଉଥିଲା ଦାନମାଝିର ମନକୁ ।

୩୯୦/୨୪୪୮, ଓସ୍କାରସିଟି, ଲକ୍ଷ୍ମୀସାଗର,
ଭୁବନେଶ୍ୱର ।

# ତଥାପି ବଂଚିଛି

- ଜ୍ୟୋତିପ୍ରକାଶ ପଲେଇ

ଦିନରେ ଆଲୋକରେ ମନ ଗହନରେ ଚାପି ରଖିଥିବା କୋହ ସବୁ ସଂନ୍ଧ୍ୟାରେ ଚୋରା ଚୋରା ଅନ୍ଧାରରେ ଲୁହ ହୋଇ  ବହି ଯାଉଥିଲା । ମନରେ ସମସ୍ତ କୋହକୁ ଯଦି ଆଖିର ଲୁହରେ ଧୋଇ ଦେଇ ହେଉଥାଆନ୍ତା, ତେବେ ମୋତେ ଆଜି ଷାଠିଏ ଦଶକରେ ଏତେ ଅସହାୟ ବୋଧ ହେଉ ନଥାନ୍ତା । ନିଜକୁ ଏକୁଟିଆ ରଖି ମୁଁ କାନ୍ଦୁଥିଲି କାରଣ ଦିନରେ କାନ୍ଦିବାର ସାହସ ମୋର ନାହିଁ । ମୁଁ ଯେ କେତେ ଅସହାୟ ତାହା ମୋର ସହାୟ ଲୋଡୁଥିବା ଦୁଇପ୍ରାଣୀଙ୍କ ସମ୍ମୁଖରେ ପ୍ରକାଶ କରିବାକୁ ଚାହୁଁ ନଥିଲି । ଚା କପ୍‌ଟାରୁ ଗରମ ବାମ୍ଫ ବାହାରି କ୍ରମଶଃ ଥଣ୍ଡା ହେଉଥିଲା । ତା ସହିତ ତାଳ ଦେଇ ଦାମ୍ଭିକ ମନଟା ମୋର ଆସ୍ତେ ଆସ୍ତେ ଆନମନା ହୋଇ ଉଠୁଥିଲା ।

ମଧ୍ୟାହ୍ନରେ ନାତି ଅବିନାଶ ହସି ହସି ଜଣାଇଥଲା - ଜେଜେ, ମୁଁ ଦେଶରକ୍ଷୀ ବିଭାଗରେ ଚାକିରୀ ପାଇଛି । ତା ହାତରେ ଧରାଇ ଦେଇଥିଲା ନିଯୁକ୍ତି ପତ୍ର, ଏକ ସାମିରକ ଅଫିସର ଭାବେ ନିଯୁକ୍ତି । ମୋ ଛାତିରେ ଯେମତି କ୍ଷଣକ ମଧରେ ନିସ୍ତବ୍ଧ ହୋଇଗଲା । ପୁଅର ପାଟି ଶୁଣି ଘର ଭିତରକୁ ପଶି ଆସୁଥିବା ବୋହୂ ମା'ଙ୍କର ପାଦ ଦୁଇଟି ଖବରଟା ଶୁଣି ଅଟକି ଗଲା । ସେ ଫେରି ଯାଇଥିଲେ ଚୁପ୍‌ଚାପ୍ । ଅବିନାଶ ମାଆଙ୍କ ପଛେ ପଛେ ଚାଲି ଯାଇଥିଲା ।

ଯେଉଁ ନାଟକର ପରିସମାପ୍ତି ଘଟିଥିଲା ତାହା ପୁନରାବୃ ତ୍ତି ହେବାକୁ ଯାଉଛି । ଶୁଖି ଆସୁଥିବା ଘାଆ, ଲିଭି ଆସୁଥିବା ନିଆଁ ପୁଣି ଜଳି ଉଠିଲା । ନାତି ଭଳି ପୁଅ ସିଦ୍ଧାନ୍ତ ଦିନେ ଆସି କହିଥିଲା । ବୋଉ ମୁଁ ଦେଶରକ୍ଷୀ ବିଭାଗରେ ଚାକିରୀ ପାଇ ଯାଇଛି । ପ୍ରସ୍ତାବଟା ଶୁଣି ସେଦିନ ମୁଁ ଗମ୍ଭୀର ହୋଇଯାଇଥିଲି । କଠୋର ସତ୍ୟକୁ ସାମ୍ନା କରିବାକୁ ସାହସ ସଂଚୟ କରୁଥିଲି । ହଁ ନାହିଁରେ ଦୋଳିରେ ଝୁଲୁଥିବା ବେଳେ ଶୁରାଙ୍ଗୀ ଚିତ୍କାର କରିଥିଲେ - ନାଁ ସେ ନିଆଁଲଗା ଚାକିରୀ ଆମର ଦରକାର  ନାହିଁ । ଜାଣୁ ଜାଣୁ ମୋ ପୁଅକୁ ମରଣ ମୁହଁକୁ ଠେଲି ଦେଇ ପାରିବି ନାହିଁ । ସିଦ୍ଧାନ୍ତର ଯୁକ୍ତି - "ମାଟି ମାଆର ସେବା, ରକ୍ଷା କ'ଣ ପାପ" । - ପାପ ପୁଣ୍ୟରେ ହିସାବ ମୋ ଭଳି ମଫସଲ ମା ବୁଝେନା ପୁଅ  । ସେ ଏତିକି ବୁଝେ ତା ପୁଅକୁ ପଣତ କାନିରେ ଘୋଡାଇ ରଖିବାକୁ । ମୋର ନୀରବତା ଶୁଭାଙ୍ଗୀଙ୍କ ମନରେ ନିଆଁ ଲଗାଇ ଦେଲା । ସବୁ ମାନ ଅଭିମାନ ରାଗ ଓଜାଡି ହୋଇ ପଡିଲା ମୋ ଉପରେ ।

ସବୁବେଳେ ଚାକିରୀ ଚାକିରୀ କହୁଥିଲା ସେଇଥିପାଇଁ ସେ ଦେଶରକ୍ଷୀ ବିଭାଗରେ ଚାଲିଯାଉଛି । ତୁମେ ତାଙ୍କୁ ବାରଣ କର । ମୁଁ ସେଦିନ ଶୁଭାଙ୍ଗୀ ଉପରକୁ ବିରକ୍ତ ହୋଇଥିଲି, ରାଗିଥିଲି ।

ତୁମେ ଚୁପ୍‌କର, ଅଲକ୍ଷଣୀ କଥା ଗୁଡା ତୁଣ୍ଡରେ ଧରନା । ସିଦ୍ଧାନ୍ତର ଭଲମନ୍ଦ ବୁଝିବା ବୟସ ହୋଇଛି । ଯାହା ସେ ଭଲ ଭାବୁଛି କରୁ । ସିଦ୍ଧାନ୍ତର ସିଦ୍ଧାନ୍ତ ଥିଲା ଅଟଳ । ମାଆର ଲୁହ ବାପର ନିରବତା କିଛି ତାକୁ ଅଟକାଇ ପାରିଲାନି, ସେ ଚାଲିଗଲା କର୍ମ କ୍ଷେତ୍ରକୁ ।

ଶୁଭାଙ୍ଗୀ ନିଜକୁ ବୁଝାଇ ଦେଇଥିଲେ ଧୀରେ ଧୀରେ । ଅବିନାଶର ପହିଲି କୁଆଁ କୁଆଁ ଡାକ ତାଙ୍କ ଆଖିରେ ଶତ କୁଆଁତାରା ଫୁଟାଇଥିଲା । ଅବିନାଶର ଦରୋଟି କଣ୍ଠରେ ମା- ମା- ଡାକ ଶୁଣି ଆତ୍ମହରା ହୋଇ ଉଠୁଥିବା ଶୁଭାଙ୍ଗୀ ସ୍ତବ୍ଧ ହୋଇଗଲେ ପୁଅର ଶହିଦ୍ ହେବାର ଟେଲିଗ୍ରାମ ପାଇ । ସାରା ସରଗଟା ମୋ ସଂସାର ଉପରେ ଅଜାଡି ହୋଇ ପଡିଲା ଯେମିତି । କୋଇଲି ଲୋ କେଶବ ଯେ ମଥୁରାକୁ ଗଲା କିଏ ବୁଝେଇବ ସେହି ସ୍ନେହ କାଙ୍ଗାଳ ମାଆକୁ । ତା କୋଳକୁ ନାତି ଆସିଯାଇଛି, ତାର ସେରକ ପୁରିଯାଇଛି । ମାଣକ

ପୁରିଯାଇଛି ଉଠରେ ଉଠରେ ପୁତ । ପୁତ ଅମଡା ବାଟରେ ଚାଲିଯାଉଛି, ସାଙ୍ଗରେ ନେଇଯାଇଛି ଏକ ନିରୀହା ବାଳିକାର ଶଂଙ୍ଖା ସିନ୍ଦୂର । ଶାଶୁ ବୋହୂ କାନ୍ଦୁଥିଲେ, କାନ୍ଦି କାନ୍ଦି ଲୋଟି ଯାଉଥିଲେ । ମୁଁ ସେଦିନ କାନ୍ଦୁଥିଲି ଲୁହ ଝରାଇ, ନାତି ଟୋକାଟାକୁ ଛାତିରେ ଚାପିଧରି । ମୋ ପାଦ ତଳୁ ମାଟି ଖସି ଯାଇଥିଲା - ତଥାପି ଦମ୍ଭ ଧରି ଛିଡା ହେବାର ପ୍ରୟାସ କରୁଥିଲି ମୁଁ ମୋ ଆଗରେ ପଥ ଅନେକ । ମୋତେ ଚାଲିବାକୁ ହେବ ଥକି ନ ପଡିବାର ସଙ୍କଳ୍ପ ନେଇ । ଯେଉଁ ବୟସରେ ମୋ ହାତକୁ ଅବିନାଶ ଏକ ଆଶା ବାଡି ଦେବା କଥା, ସେ ବୟସରେ ମୋ ହାତରେ ଥାପି ଦେଇଛି ଏକ କଅଁଳ ଶିଶୁ ଯିଏକି ମୋ ହାତ ଧରି ବାଟ ଚାଲି ଶିଖିବ । ନାତିକୁ ଶିଖାଉ ଶିଖାଉ ମୁଁ ଅନେକ ବାଟ ଆସିଗଲା ।

ପୁଅ ଠକିଥିଲା ମାଆକି ଠକିଲା । ଜଣେ ମାଆକୁ ସନ୍ତ୍ରାସବାଦୀ କବଳରୁ ରକ୍ଷା କରିବାକୁ ଶହିଦ୍ ହୋଇଗଲା, ଅନ୍ୟ ଜଣେ ସଂସାର ଯୁଦ୍ଧରେ ସାଥୀ ହେବାର ଶପଥ ନେଇ ମଧ ଅଧା ରାସ୍ତାରେ ଉତ୍ରଭଙ୍ଗ ଦେଲା । ମୁଁ ଲଢୁଛି ଭଗ୍ନ ରଥ ଚକ୍ରକୁ ହାତରେ ଧରି । ଜୀବନ ଏକ ଯନ୍ତ୍ରଣା, ତଥାପି ମଣିଷ ବଂଚିବ କ ର୍ତ୍ତବ୍ୟ ବୋଧର ବାଧ ବାଧକାତରେ । ମୁଁ ବି ବଂଚିଛି ।

ସନ୍ଧ୍ୟାର ଅନ୍ଧକାର ମେ ଈଁ । ମେ ଈଁ । ଜମାଟ ବାନ୍ଧି ବହଳିଆ ହେଉଥିଲା । ତା ସହ ତାଳ ଦେଇ ବଢୁଥିଲା ମୋ ଆଖିର ଲୁହ । ଶୁଭାଙ୍ଗୀ ମରିଗଲା । ପୁଅକୁ ଝୁରି ଝୁରି ହେଲେ ମୁଁ ବଂଚିଗଲି ଅନେକ ଥର, ମରିବାକୁ । ତଫାତ୍ ଏତିକି ଗୋଟିଏ ଶୀତଳ ମୃତ୍ୟୁ ତ ଅନ୍ୟଟି ନିରବ ମୃତ୍ୟୁ । ମୁଁ ଅନୁଭବ କଲି ଅନ୍ଧକାରେ କିଏ ଯେମିତି ଆସୁଛି, ରାତ୍ରିର କଳା ଠାରୁ ଆହୁରି କଳା । ପାଦଶବ୍ଦ ଚିହ୍ନା ଚିହ୍ନା । ମୁଁ ଚଷମା ଲଗାଇଲି, ଚଷମାର ପାୱାର କମିଗଲାଣି  ବୋଧେ । ହଁ ସିଏ ଏକାନ୍ତର ସାଥୀ ଶୁଭାଙ୍ଗୀ । କାହିଁକି ଆସିଛି କ'ଣ ପାଇଁ ତୁମେ ମୋ ମନରେ ଆଜି ଧସେଇ ପଶୁଛି । ମୋ ଦୁଃଖରେ ଭାଗି ହେବାକୁ ନା ହସିବାକୁ । କ'ଣ କହୁଛ ମୁଁ କାହିଁକି ରାଗୁନି ? ପୁଅ ଚାକିରୀରେ ନ ଯିବା ପାଇଁ ତୁମେ କହିଲା ବେଳେ ଅନେକ ରାଗିଥିଲି । ଆଜି ନାତି ସେହି ପଥର ଯାତ୍ରୀ ହେଲାବେଳେ ମୁଁ ଚୁପ୍ କାହିଁକି ? ତୁମ ପ୍ରଶ୍ନର ଉ ତ୍ତ ର ଅନେକ ଥର ଦେଇଛି, ତୁମେ ଗଲା ପରେ ଆଜି ବି ଦେଇଛି । ମୁଁ କାହା ଉପରେ ରାଗିବି ? ଆଁ। ବୋହୂମା ଉପରେ, ନାତି ଉପରେ କାହା  ଉପରେ ରାଗିବି ? ତୁମେ ତ କେବଳ ଜଣେ ଥିଲ, ଯାହା ଉପରେ ମୁଁ ରାଗିପାରେ, ଆଉ ତୁମେ ଗଲା ପରେ ... ମୁଁ କେବଳ ନିଜ ଉପରେ ରାଗୁଛି, ନିଜ ଭିତରେ ଜଳୁଛି, ଘୃଣା ଲାଗିଥିବା ଏକ କାଠଗଣ୍ଡି ମୁଁ । ବାହାରେ ଯାହା ଭିତରେ ତାହା ନୁହଁ । ତୁମେ ଜାଣ ତୁମ ବିନା ମୁଁ ଆଜି କେତେ ଅସହାୟ । ସେଇଥିପାଇଁ ଏ ନିରୋଳା ଅନ୍ଧକାରରେ ବସି ତୁମକୁ ମନେ ପକାଉଛି ।

"ବାପ ଖାଇବ ଆସ" ବୋହୂମାର ସ୍ୱର, ସବୁ ବ୍ୟଥାକୁ ହଜମ କରି ବାହାରକୁ ହସୁଥିବାର ଏକ ରୁଦ୍ଧିମନ୍ତ ପ୍ରତିମା । ମୁଁ ନିରବ ରହିଲି । ସିବୁ କଥା କ'ଣ ପ୍ରକାଶ କରିହୁଏ ?


ବୋହୂ ମା ଚାଲିଗଲେ, ପୁଣି ଫେରିଲେ, ସାଙ୍ଗରେ ଅବିନାଶ । ଜେଜେ ତୁମେ ଭାଙ୍ଗିଗଲେ ଚଳିବ ? ମୁଁ ବୋଉକୁ ବୁଝାଇ ଦେଇଛି । ଏକ ଶହୀଦ ସୈନିକର ପତ୍ନୀ ସେ, ବୁଝି ଯାଇଛନ୍ତି ସେ । ତୁମ ମନରେ ଦୁଃଖ ଦେଇ ମୁଁ କ'ଣ ଚାକିରୀକୁ ଯାଇପାରିବି ? ତୁମେ ମଧ ଏକ ଶହୀଦ୍‌ର ବାପା, ଏକ ମିଲିଟାଣୀ ଅଫିସରର ଜେଜେ ।

ମୋର ସବୁ ଦମ୍ଭ ଭାଙ୍ଗି ଯାଇଥିଲା ? ମୁଁ ମୋର ଭାରସାମ୍ୟ ହଜାଇ ବସୁଥିଲି ।

- ଏ ସମସ୍ତ ପରିଚୟ ମଧରେ ସମ୍ପର୍କ ମଧରେ ଆମ ରକ୍ତରେ ବି ଏକ ଅନ୍ୟ ରକ୍ତ ମିଶି ରହିଛି ତାହା ତୁମେ ବି ଭୁଲି ଯାଇଛି । ତାହା ହେଉଛି ଏକ ଭାରତୀୟ ରକ୍ତ, ଜାତୀୟତାର ରକ୍ତ ।

ମୁଁ ଚାହିଁଲି ଅବିନାଶକୁ, ତା କଣ୍ଠସ୍ୱର ଯେମିତି ସିଦ୍ଧାନ୍ତର କଣ୍ଠସ୍ୱର ଭଳି ଶୁଭୁଥିଲା ମୁଁ ଚୁପ୍ ରହିଲି । ଶୋଇ ପଡିଥିଲା ଜାତୀୟତା ଜାଗି ଉଠୁଥିଲା । ଝଣ୍ଡା ଉଚ୍ଚା ରହେ ହମାରା ।

*- ରେଭେନ୍ସା ବିଶ୍ୱବିଦ୍ୟାଳୟ*


ROUT CLASSES
For Mathematics
Only for CBSE
XI & XII Students
Briefly Focus on NCERT Books, R.D. SHARMA, NCERT Exemplar
Highly Personalised & Result Oriented Coaching
Special Classes for JEE Main & JEE Advance
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Bomikhal, BJB Nagar, Satya Nagar (BBSR)
Sector-6, CDA, Arunodaya Nagar (CTC)

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ